# ରାଜନୀତିକୁ ସରଗରମ କରୁଛି ଲୁଲୁ-ବୁଲୁଙ୍କ ବୟାନବାଜି

ଭଦ୍ରକ,୨୧।୧୨(ସନାତନ ରାଉତ)


ଖବରଦାତା ସମ୍ମିଳନୀରେ କଂଗ୍ରେସର ଯୁବନେତା ଅସିତ୍ ପଟ୍ଟନାୟକ ଉତ୍ତର ରଖୁଛନ୍ତି।

■ଖବରଦାତା ସମ୍ମିଳନୀରେ ଲୁଲୁଙ୍କ ପ୍ରଶ୍ନର ଉତ୍ତର ରଖିଲେ ବୁଲୁ
■ରଙ୍ଗଲତା ମୃତ୍ୟୁ ମାମଲାରେ କ୍ରାଇମବ୍ରାଞ୍ଚ ରିପୋର୍ଟ ଦେଇସାରିଛି

ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲଙ୍କ ପୁଅ ପ୍ରୟାସକାନ୍ତି ସାମଲ(ଲୁଲୁ) ଓ କଂଗ୍ରେସର ଯୁବନେତା ଅସିତ୍ ପଟ୍ଟନାୟକ(ବୁଲୁ)ଙ୍କ ବୟାନବାଜି ଭଦ୍ରକ ରାଜନୀତିକୁ ସରଗରମ କରୁଛି। ଲୁଲୁ ଭାଜପାରେ ଯୋଗଦେବା ପରେ ଏହାକୁ ନେଇ ଭୁବନେଶ୍ୱରରେ ଏକ ଖବରଦାତା ସମ୍ମିଳନୀରେ ବୁଲୁ କହିଥିଲେ, ବରପଦା ଇଞ୍ଜିନିୟରିଂ କଲେଜ ବିବାଦରୁ ମୁକ୍ତି ପାଇବା ପାଇଁ ଲୁଲୁ ଭାଜପା ରାଜ୍ୟ ସଭାପତିଙ୍କ ସହ ଡିଲ୍ କରି ଦଳରେ ସାମିଲ ହୋଇଛନ୍ତି। ଏହି ଇଞ୍ଜିନିୟରିଂ କଲେଜର ୨ଶହ କୋଟି ଟଙ୍କା ଦୁର୍ନୀତି ମାମଲାରେ ସେ ଛନ୍ଦି ହୋଇଥିବା ବେଳେ ଭାଜପା ରାଜ୍ୟ ସଭାପତି ତାଙ୍କୁ ଦଳରେ ସାମିଲ କଲେ କିପରି ବୋଲି ପ୍ରଶ୍ନ କରିଥିଲେ ଏବଂ ଡିସେମ୍ବର ୬ରେ ଭାଜପାରେ ସେ ମିଶିଥିବାରୁ ସେହିଦିନକୁ ସେ କଳା ଦିବସ ପାଳିବେ ବୋଲି କହିଥିଲେ। ପରେ ଲୁଲୁ ଖବରଦାତା ସମ୍ମିଳନୀରେ ଏହାର ଜବାବ ରଖିଥିଲେ। ସେ ରଙ୍ଗଲତା ପ୍ରସଙ୍ଗ ଓ ଭଦ୍ରକ ଦଙ୍ଗା ପ୍ରସଙ୍ଗ ଉଠାଇ ବୁଲୁଙ୍କ ଉପରକୁ ଅଙ୍ଗୁଳି ନିର୍ଦ୍ଦେଶ କରିଥିଲେ। ରବିବାର ଅପରାହ୍ନ ୪ଟାରେ ବୁଲୁ ଭଦ୍ରକସ୍ଥିତ ତାଙ୍କ ବାସଭବନରେ ଖବରଦାତା ସମ୍ମିଳନୀରେ ଏହାର ଜବାବ ରଖିଛନ୍ତି। ରଙ୍ଗଲତା ମୃତ୍ୟୁ ମାମଲାରେ କ୍ରାଇମବ୍ରାଞ୍ଚ ଦେଇଥିବା ରିପୋର୍ଟରେ ଏହା ଏକ ଆତ୍ମହତ୍ୟା ଉଲ୍ଲେଖ ରହିଥିବା ବେଳେ ଏଥିରେ ତାଙ୍କ ପରିବାରର କୌଣସି ସମ୍ପୃକ୍ତି ନାହିଁ ବୋଲି ସେ କହିଛନ୍ତି।

ସେ କହିଛନ୍ତି, ତାଙ୍କ ବାପା ଯୁଗଳ ପଟ୍ଟନାୟକ ମନ୍ତ୍ରୀ ଥିବାବେଳେ ୧୯୯୦ରେ ତାଙ୍କ ଘରେ କାମ କରୁଥିବା ଜଣେ ବ୍ୟକ୍ତିଙ୍କ ଶାଳୀ ରଙ୍ଗଲତା ନିଜ ଦେହରେ ପେଟ୍ରୋଲ ପକାଇ ନିଆଁ ଲଗାଇଥିଲେ। ତାଙ୍କୁ ବଞ୍ଚାଇବା ପାଇଁ ନିଜ ସରକାରୀ ଗାଡ଼ିରେ ତାଙ୍କୁ ହସ୍ପିଟାଲ ପଠାଇଥିଲେ ଏବଂ ପୋଲିସକୁ ଏହାର ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଥିଲେ। ୭୦ ପ୍ରତିଶତରୁ ଅଧିକ ଜଳି ଯାଇଥିବାରୁ ତାଙ୍କର ମୃତ୍ୟୁ ଘଟିଥିଲା। ଏହାକୁ ନେଇ ପୋଲିସ ନିଜଆଡୁ ଅପମୃତ୍ୟୁ ମାମଲା ରୁଜୁ କରିଥିଲା। କିନ୍ତୁ ଯୁଗଳ ବାବୁ ଏହାର କ୍ରାଇମବ୍ରାଞ୍ଚ ତଦନ୍ତ ନିର୍ଦ୍ଦେଶ ଦେଇଥିଲେ। ୧୦ ମାସ ପରେ କ୍ରାଇମବ୍ରାଞ୍ଚ ଏହାର ତଦନ୍ତ କରି ରିପୋର୍ଟ ଦେଇଥିଲା ଯେ ରଙ୍ଗଲତା ଆତ୍ମହତ୍ୟା କରିଛନ୍ତି, ତାଙ୍କୁ କେହି ମାରିନାହାନ୍ତି। ସେତେବେଳକୁ ରାଜ୍ୟରେ ସରକାର ବଦଳି ଯାଇଥିଲା। ବିଜୁ ପଟ୍ଟନାୟକଙ୍କ ସରକାରରେ ଲୁଲୁଙ୍କ ବାପା ମନ୍ତ୍ରୀ ଥିଲେ। ସେହିପରି ଭଦ୍ରକ ଦଙ୍ଗା ସମୟରେ ସେ ଭୁବନେଶ୍ୱରରେ ଥିଲେ। ଭଦ୍ରକରେ ଦଙ୍ଗା ହୋଇଥିବା ଜାଣି ସେ ଲୋକଙ୍କୁ ଶାନ୍ତି ବଜାୟ ରଖିବା ସହ ଭାଇଚାରା ରକ୍ଷା କରିବାକୁ ନିବେଦନ କରିଥିଲେ। ସେହିପରି ବରପଦା ଇଞ୍ଜିନିୟରିଂ କଲେଜ ଡ. ହରେକୃଷ୍ଣ ମହତାବ ପ୍ରତିଷ୍ଠା କରିଥିଲେ। କୌଣସି କାରଣରୁ ଏହା ବନ୍ଦ ହୋଇ ପଡ଼ିଥିବା ବେଳେ ଯୁଗଳ ପଟ୍ଟନାୟକ ଏହାକୁ ପୁଣି ଚାଲୁ କରିଥିଲେ। ଏହି ୨ ପରିବାରରୁ କେହି ଜଣେ ସଦସ୍ୟ ନ ଥିବାବେଳେ ଲୁଲୁଙ୍କ ପରିବାର କେମିତି ମାଲିକାନା ନେଲେ ବୋଲି ବୁଲୁ ପ୍ରଶ୍ନ କରିଛନ୍ତି। ଏହି କଲେଜକୁ ସରକାରୀକରଣ କରିବା ପାଇଁ ଭାଜପା ରାଜ୍ୟ ସଭାପତି ଗୁରୁତ୍ୱ ଦିଅନ୍ତୁ ବୋଲି ସେ କହିଛନ୍ତି। ଖବରଦାତା ସମ୍ମିଳନୀରେ ପୂର୍ବତନ ବ୍ଲକ ଅଧ୍ୟକ୍ଷ ରଘୁନାଥ ଧଳ, ପୂର୍ବତନ ରେଲୱେ ବୋର୍ଡ ସଦସ୍ୟ ଉମର ଅଲ୍ଲୀ, ରାଧାକାନ୍ତ ସାମଲ ଓ ବଣିକ ସଂଘ ସଭାପତି ଗୌରାଙ୍ଗ ପଣ୍ଡା ଉପସ୍ଥିତ ଥିଲେ।

# ସାଳନ୍ଦୀ ଆଡ଼ିବନ୍ଧ ପ୍ରକଳ୍ପର ଭିତ୍ତିପ୍ରସ୍ତର


ଭିତ୍ତିପ୍ରସ୍ତର ସ୍ଥାପନ ଅବସରରେ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ଓ ବିଧାୟକ ସୀତାଂଶୁ ଶେଖର ମହାପାତ୍ର।

ଭଦ୍ରକ,୨୧।୧୨(ସନାତନ ରାଉତ)

ଭଦ୍ରକ ଜିଲାର ଜୀବନରେଖା ସାଳନ୍ଦୀ ନଦୀ ଓ ଅଞ୍ଚଳବାସୀଙ୍କ ଜୀବନଜୀବିକା ସୁରକ୍ଷା ପାଇଁ ଭଦ୍ରକ ବ୍ଲକ ଅର୍ଣ୍ଣପାଳ ପଞ୍ଚାୟତର ରାଜୁଆଳିବିନ୍ଧାଠାରୁ ଦେଉଳା, ବାରିକପୁରଠାରୁ ବିଲଣା ପର୍ଯ୍ୟନ୍ତ ଆଡ଼ିବନ୍ଧ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ୧୨ କୋଟି ଟଙ୍କା ବ୍ୟୟ ଅଟ୍ଟକଳରେ ଏହି ପ୍ରକଳ୍ପ ନିର୍ମାଣ ହେବ। ଜଳ ସମ୍ପଦ ବିଭାଗ ପକ୍ଷରୁ ରବିବାର ମଧ୍ୟାହ୍ନରେ ଅର୍ଣ୍ଣପାଳଠାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ଓ ବରେଣ୍ୟ ଅତିଥି ଭାବେ ଭଦ୍ରକ ବିଧାୟକ ସୀତାଂଶୁ ଶେଖର ମହାପାତ୍ର ଯୋଗଦେଇ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ନଦୀ ଉଭୟ ପାର୍ଶ୍ୱର ସୁରକ୍ଷା ଓ ସୌନ୍ଦର୍ଯ୍ୟକରଣକୁ ଦୃଷ୍ଟିରେ ରଖି ଏହି ଆଡ଼ିବନ୍ଧ ନିର୍ମାଣ ପ୍ରକଳ୍ପ ଅନୁମୋଦନ କରାଯାଇଛି। ବନ୍ୟା ନିୟନ୍ତ୍ରଣ ଓ ଚାଷଜମିକୁ ଜଳସେଚନ ସୁବିଧା ନିମନ୍ତେ ଏହି ପ୍ରକଳ୍ପର ଆବଶ୍ୟକତା ଥିଲା ବୋଲି ମନ୍ତ୍ରୀ କହିଛନ୍ତି। ଏହି ପ୍ରକଳ୍ପ ଦ୍ୱାରା ଭଦ୍ରକ ଓ ଧାମନଗର ନିର୍ବାଚନମଣ୍ଡଳୀ ଅଧୀନ ୪ ପଞ୍ଚାୟତର ଅଧିବାସୀ ବନ୍ୟା ଦାଉରୁ ମୁକ୍ତି ପାଇବା ସହ ଗ୍ରାମୀଣ ଅର୍ଥନୀତି ସୁଦୃଢ଼ ହେବ ବୋଲି ବିଧାୟକ ମହାପାତ୍ର କହିଥିଲେ। ଜଳ ସମ୍ପଦ ବିଭାଗ ଅଧିକାରୀ ଓ ସ୍ଥାନୀୟ ଜନ ପ୍ରତିନିଧିମାନେ ଉପସ୍ଥିତ ଥିଲେ।

# ପୁରାତନ ଛାତ୍ରୀଛାତ୍ରଙ୍କ ବନ୍ଧୁମିଳନ

ଭଣ୍ଡାରିପୋଖରୀ,୨୧।୧୨(ରାଜେନ୍ଦ୍ର ଶତପଥୀ)

ଭଣ୍ଡାରିପୋଖରୀ ବ୍ଲକର ଆଖୁଆପଦା ଜଗନ୍ନାଥ ପ୍ରସାଦ ଉଚ୍ଚ ବିଦ୍ୟାଳୟଠାରେ ରବିବାର ୧୯୬୮ ମାଟ୍ରିକ୍ ବ୍ୟାଚ୍‌ର ଛାତ୍ରୀଛାତ୍ରଙ୍କୁ ନେଇ ଏକ ବନ୍ଧୁମିଳନ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଅବସରପ୍ରାପ୍ତ ଅତିରିକ୍ତ ଶାସନ ସଚିବ ରାଧାକାନ୍ତ ପାଣି ଏଥିରେ ସଭାପତିତ୍ୱ କରିଥିଲେ। ବରିଷ୍ଠ ନାଗରିକ ତଥା ୮୦ ବର୍ଷ ପାଖାପାଖି ବୟସରେ ଉପନୀତ ହୋଇଥିବା ପୁରାତନ ଛାତ୍ରୀଛାତ୍ର ଯୋଗଦେଇ ଭାବବିହ୍ୱଳ ହୋଇପଡ଼ିଥିଲେ। ଦିବଂଗତ ବନ୍ଧୁମାନଙ୍କୁ ଶ୍ରଦ୍ଧାଞ୍ଜଳି ଦେଇ ସ୍ମୃତି ଉଲ୍ଲେଖ ହୋଇଥିଲା। ମୁଖ୍ୟ ଅତିଥି ଭାବେ ତତ୍କାଳୀନ ଶିକ୍ଷକ କୁଳମଣି ବେହେରା, ଅନ୍ୟତମ ଅତିଥି ଭାବେ ଶିକ୍ଷକ ବେଣୁଧର ପଲେଇ, ଶିକ୍ଷକ ବସନ୍ତ କୁମାର ମହାପାତ୍ର, ବିଦ୍ୟାଳୟର କର୍ମଚାରୀ ନଟବର ଯେନା ଓ ମୁଖ୍ୟବକ୍ତା ଭାବେ ସ୍ଥାନୀୟ ସରପଞ୍ଚ ଅକ୍ଷୟ କୁମାର ତ୍ରିପାଠୀ ଯୋଗ ଦେଇଥିଲେ। ଏହି ଅବସରରେ ଏକ ପତ୍ରିକା 'ସ୍ମୃତିଦର୍ପଣ' ଉନ୍ମୋଚିତ ହୋଇଥିଲା।

# ଜଳ ଯୋଗାଣ ବନ୍ଦ ଯୋଗୁ ରାସ୍ତାରୋକୋ

ଧୁଷୁରୀ,୨୧।୧୨(ଦୀପ୍ତିରଞ୍ଜନ ନାୟକ)


ଧୁଷୁରୀ ବଜାରଠାରେ ଦୋକାନୀମାନେ ରାସ୍ତା ଅବରୋଧ କରିଛନ୍ତି।

ଧାମନଗର ବ୍ଲକ ଧୁଷୁରୀ ବଜାର ସମେତ ନରସିଂହପୁର ଗାଁକୁ ଶନିବାରଠାରୁ ପାନୀୟଜଳ ଯୋଗାଣ ବନ୍ଦ ଥିବାରୁ ପ୍ରତିବାଦରେ ରବିବାର ସନ୍ଧ୍ୟାରେ ଉତ୍ତେଜନା ଦେଖାଦେଇଛି। ଧୁଷୁରୀ ବଜାରଠାରେ ସ୍ଥାନୀୟ ଦୋକାନୀମାନେ ଭଦ୍ରକ-ଆରଡ଼ି ରାଜ୍ୟ ରାଜପଥ ଅବରୋଧ କରିଥିଲେ। ପ୍ରାୟ ୧୦ ମିନିଟ୍ ପାଇଁ ରାସ୍ତାରୋକୋ କରାଯାଇଥିବା ବେଳେ ଏହି ସମୟ ମଧ୍ୟରେ ଜଳ ଯୋଗାଣ ହେବାରୁ ଅବରୋଧ ହଟି ଗାଡ଼ି ଚଳାଚଳ ସ୍ୱାଭାବିକ ହୋଇଥିଲା। ସ୍ଥାନୀୟ ସରପଞ୍ଚ ବିଦ୍ୟୁତ୍ ବିଲ୍ ପୈଠ କରି ନ ଥିବାରୁ ବିଭାଗ ପାନୀୟ ଜଳ ପ୍ରକଳ୍ପରୁ ବିଦ୍ୟୁତ୍ ସଂଯୋଗ କାଟି ଦେଇଥିବା ଦୋକାନୀମାନେ ଅଭିଯୋଗ କରୁଥିବା ବେଳେ ସରପଞ୍ଚ ଅନ୍ତର୍ଯ୍ୟାମୀ ପତି ଏହାକୁ ଅଗ୍ରାହ୍ୟ କରିଦେଇଥିଲେ। ଜଳ ପ୍ରକଳ୍ପରେ ଲାଗିଥିବା ବିଦ୍ୟୁତ୍ ମିଟର ଖରାପ ଥିବା ଯୋଗୁ ତାହାକୁ ସଜଡ଼ା ଯାଉଥିବାରୁ ଜଳ ଯୋଗାଣ ବନ୍ଦ ଥିବା ଓ ମରାମତି ପରେ ଜଳ ଯୋଗାଣ ହୋଇଥିବା ସେ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ଅସୁରାଳି ବିଦ୍ୟୁତ୍ ବିଭାଗ ଏସ୍‌ଡିଓ ଗଦାଧର ବିନ୍ଧାଣୀ କହିଛନ୍ତି, ଜଳ ଯୋଗାଣ ପ୍ରକଳ୍ପରେ ସ୍ମାର୍ଟ ମିଟର ବସିଥିବା ବେଳେ ୫ ମାସ ଧରି ବିଲ୍ ପୈଠ ହୋଇ ନ ଥିବାରୁ ଅଟୋମେଟିକ ଭାବେ କରେଣ୍ଟ ସପ୍ଲାଏ ବନ୍ଦ ହୋଇଯାଇଥିଲା। ଧୁଷୁରୀ ଥାନା ଅଧିକାରୀ ଅଜୟ ସୁଦର୍ଶନ ବାଗେଙ୍କ ହସ୍ତକ୍ଷେପ ଯୋଗୁ ଏ ସମ୍ପର୍କରେ ବିଭାଗୀୟ ଏସ୍‌ଇଙ୍କୁ ଅବଗତ କରି ବିଦ୍ୟୁତ୍ ସଂଯୋଗ କରାଯାଇ ପାନୀୟ ଜଳ ଯୋଗାଣ କରାଯାଇଛି।

# ନୂଆ ରେଳଧାରଣା କାର୍ଯ୍ୟରେ ଅନିୟମିତତା

ଚାନ୍ଦବାଲି,୨୧।୧୨(କିଷାନ ପାତ୍ର)

ଯାଜପୁର ଜିଲା ବଇରି ଧାନମଣ୍ଡଳ ଜଙ୍କସନଠାରୁ ଭଦ୍ରକର କେନ୍ଦୁଆପଦା ପର୍ଯ୍ୟନ୍ତ ନୂଆ କରି ତିଆରି ହୋଇଥିବା ୪୩ କିଲୋମିଟର ରେଳଧାରଣା କାର୍ଯ୍ୟରେ ବ୍ୟାପକ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଛି। ସରକାରଙ୍କ ସମସ୍ତ ନିୟମ କାନୁନକୁ ଠିକା କମ୍ପାନୀ ସମ୍ପୂର୍ଣ୍ଣ ଉଲ୍ଲଂଘନ କରି ନିର୍ମାଣ କରାଯାଇଛି। ନୂଆ ରେଳ ଧାରଣା ନିର୍ମାଣରେ ମୋରମ ବଦଳରେ ଚିକିଟା ମାଟି ବିଛାଯାଉଛି। ଫଳରେ ଭବିଷ୍ୟତରେ ରେଳଧାରଣା ଦବିଯିବାର ବହୁ ଆଶଙ୍କା ରହିଛି। ଏପରିକି ରେଳଧାରଣାରୁ ମାତ୍ର କିଛି ଦୂରରୁ ମାଟି ଉଠାଇ ଟ୍ରାକ୍‌ରେ ବିଛାଯାଉଛି। ମାଟି ଲେବଲକୁ ଡାଉନ କରି ଫଲ୍‌ସ ବିଲ୍ ହୋଇଛି ବୋଲି କଂଗ୍ରେସ ଯୁବନେତା ତଥା ପୂର୍ବତନ ସାଧାରଣ ସମ୍ପାଦକ ମନୋଜ ବିଶ୍ୱାଳ ରବିବାର ପ୍ରେସ୍ ବିବୃତ୍ତି ମାଧ୍ୟମରେ ଅଭିଯୋଗ ଆଣିଛନ୍ତି। ୪୩ କିଲୋମିଟର ନୂଆ ରେଳଧାରଣା ପାଇଁ ୧୦୦୦ କୋଟି ଟଙ୍କାର କାର୍ଯ୍ୟ ଚାଲୁଥିବା ବେଳେ ଠିକା କମ୍ପାନୀ ମନଇଚ୍ଛା କାମ କରି କୋଟି କୋଟି ଟଙ୍କା ଆତ୍ମସାତ୍ କରିବାକୁ ଉଦ୍ୟମ କରିଛି। ଆଗାମୀ ଦିନରେ ଇଷ୍ଟକୋଷ୍ଟ ରେଲୱେର ବରିଷ୍ଠ ଅଧିକାରୀ ଏବଂ ଚିଫ୍ ଇଞ୍ଜିନିୟର କାର୍ଯ୍ୟର ମାନ ଯାଞ୍ଚ ସହ ଉକ୍ତ କମ୍ପାନୀର ଲାଇସେନ୍ସ ବାତିଲ କରିବା ପାଇଁ ସେ ଦାବି କରିଛନ୍ତି। ଏହି ଅନିୟମିତତା ବିରୋଧରେ ଆଗାମୀ ଦିନରେ ଆନ୍ଦୋଳନ କରାଯିବ ବୋଲି ସେ ଚେତାବନୀ ଦେଇଛନ୍ତି।

# ଚାପିହୋଇ ରହିଥିବା ୨ ଚାଳକ ଉଦ୍ଧାର


ଦୁର୍ଘଟଣାଗ୍ରସ୍ତ ଗାଡ଼ିରୁ ଚାଳକଙ୍କୁ ଉଦ୍ଧାର କରାଯାଉଛି।

ବାସୁଦେବପୁର,୨୧।୧୨(କାଳିପଦ ରାୟ)

**ହାଇୱା-ଟ୍ରେଲରର ମୁହାଁମୁହିଁ ଧକ୍କା**

ବାସୁଦେବପୁର ବ୍ଲକ ଜାମଝାଡ଼ି-ଧାମରା ରାସ୍ତାର ମାତାଜୀ ମଠ ଛକଠାରେ ରବିବାର ସକାଳ ୬ଟାରେ ଏକ ହାଇୱା ଓ ଟ୍ରେଲରର ମୁହାଁମୁହିଁ ଧକ୍କା ହୋଇଛି। ଦୁର୍ଘଟଣାରେ ଗାଡ଼ି ଭିତରେ ଚାପିହୋଇ ରହିଥିବା ୨ ଚାଳକଙ୍କୁ ଉଦ୍ଧାର କରାଯାଇଥିବା ବେଳେ ସେମାନଙ୍କ ଅବସ୍ଥା ଗୁରୁତର ରହିଛି। ସୂଚନା ଅନୁଯାୟୀ, ହାଇୱାଟି ଜାମଝାଡ଼ିରୁ ବାସୁଦେବପୁର ଆଡ଼କୁ ଆସୁଥିବାବେଳେ ଟ୍ରେଲରଟି ଧାମରାରୁ ଜାମଝାଡ଼ି ଆଡ଼କୁ ଯାଉଥିଲା। ଦୁଇ ଗାଡ଼ି ମାତାଜୀ ମଠଠାରେ ପରସ୍ପରକୁ ଅତିକ୍ରମ କରୁଥିବା ବେଳେ ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ୨ ଚାଳକ ଗାଡ଼ି ଭିତରେ ଚାପିହୋଇ ରହିଯାଇଥିଲେ। ଗୁରୁତର ଅବସ୍ଥାରେ ସେମାନଙ୍କୁ ସ୍ଥାନୀୟ ଲୋକ ଅଗ୍ନିଶମ ବାହିନୀ ସହଯୋଗରେ ଉଦ୍ଧାର କରି ବାସୁଦେବପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ପରେ ସେମାନଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ସେମାନେ ହେଲେ ଢେଙ୍କାନାଳ ଜିଲା କାମାକ୍ଷାନଗରର ବିମଳ ବେହେରା(୩୪) ଓ ବାସୁଦେପୁର ବ୍ଲକ ଅଧୀନ ବାଲିମେଦ ଗ୍ରାମର ଶରତ ସାହୁ(୩୩)। ଦୁର୍ଘଟଣାଗ୍ରସ୍ତ ଗାଡ଼ି ଦ୍ୱୟକୁ ବାସୁଦେବପୁର ପୋଲିସ ଜବତ କରିଛି।

# ଗଡ଼ିଲା ଚାଷୀ ସଚେତନତା ରଥ

**୫ରେ ଜିଲାରେ ଖୋଲିବ ଧାନକ୍ରୟ ମଣ୍ଡି**

ଭଦ୍ରକ,୨୧।୧୨(ସନାତନ ରାଉତ)



ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ସଚେତନତା ରଥ।

ଆସନ୍ତା ଜାନୁଆରୀ ୫ରେ ଭଦ୍ରକ ଜିଲାରେ ଧାନକ୍ରୟ ପାଇଁ ସରକାରୀ ମଣ୍ଡି ଖୋଲାଯିବ। ଭଦ୍ରକ ନିୟନ୍ତ୍ରିତ ବଜାର କମିଟି ଏବଂ ଜିଲା ପ୍ରଶାସନ ପକ୍ଷରୁ ରବିବାର ପୂର୍ବାହ୍ନ ୧୦ଟାରେ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଚାଷୀ ସଚେତନତା ରଥ ଉଦ୍‌ଘାଟିତ ହୋଇଯାଇଛି। ଖରିଫ ଧାନ କ୍ରୟ ପାଇଁ ଚାଷୀଙ୍କୁ ସଚେତନ କରିବା ଉଦ୍ଦେଶ୍ୟରେ ଏହି ରଥକୁ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ପତାକା ଦେଖାଇ ଉଦ୍‌ଘାଟନ କରିଥିଲେ। ଇନ୍‌ପୁଟ୍ ସହ ଧାନ କୁଇଣ୍ଟାଲ ପ୍ରତି ୩୧ଶହ ଟଙ୍କା ଚାଷୀଙ୍କୁ ମିଳିବ। କଟ୍‌ନି ଛଟ୍‌ନି ବନ୍ଦ କରିବା ଓ ଜଣେ ବି ଚାଷୀ ଧାନ ବିକ୍ରି ସମସ୍ୟାରେ ସମ୍ମୁଖୀନ ନ ହେବାକୁ ସରକାର ଆଭିମୁଖ୍ୟ ରଖିଛନ୍ତି ବୋଲି ମନ୍ତ୍ରୀ କହିଛନ୍ତି।

ମଣ୍ଡି ଖୋଲିବା ପୂର୍ବରୁ ଜିଲାର ୭ଟି ବ୍ଲକରେ ସଚେତନତା ରଥ ପରିକ୍ରମା କରି ଚାଷୀମାନଙ୍କୁ ମଣ୍ଡିକୁ ଶୃଙ୍ଖଳା ଓ ପରିଷ୍କାର ଧାନ ଆଣିବା ପାଇଁ ବାର୍ତ୍ତା ଦେବ। ଜିଲାରେ ଚଳିତବର୍ଷ ଧାନକ୍ରୟ ପାଇଁ ୧୦୫ଟି ସମବାୟ ସମିତି ଓ ୫୦ଟି ସ୍ୱୟଂସହାୟିକା ଗୋଷ୍ଠୀକୁ ଦାୟିତ୍ୱ ପ୍ରଦାନ କରାଯାଇଛି। ଜିଲାରେ ଚଳିତବର୍ଷ ୧୩ ଲକ୍ଷ ୩୦ହଜାର କୁଇଣ୍ଟାଲ ଧାନ କିଣାଯିବାକୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିବା ବେଳେ ୯୬,୨୩୨ ଚାଷୀ ଧାନ ବିକ୍ରି କରିବା ପାଇଁ ପଞ୍ଜୀକୃତ ହୋଇଛନ୍ତି। ସଚେତନତା ରଥ ଉଦ୍‌ଘାଟନ ଅବସରରେ ମନ୍ତ୍ରୀ ସୂର୍ଯ୍ୟବଂଶୀ, ଭଦ୍ରକ ବିଧାୟକ ସୀତାଂଶୁ ଶେଖର ମହାପାତ୍ର, ଜିଲାପାଳ ଦିଲୀପ ରାଉତରାଏ, ଭାଜପା ଜିଲା ସଭାପତି ଭଗବାନ ପଣ୍ଡାଙ୍କ ସହ ବିଭାଗୀୟ ଅଧିକାରୀମାନେ ଯୋଗ ଦେଇଥିଲେ।

# କଲେଜ ଅଧ୍ୟକ୍ଷଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି

ଭଦ୍ରକ,୨୧।୧୨(ରବିନାରାୟଣ ଖିଲାର)

ଭଦ୍ରକ ଜିଲା ଚରମ୍ପା ମହାବିଦ୍ୟାଳୟ ଅଧ୍ୟକ୍ଷଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଶନିବାର ଅଧ୍ୟାପକ ଓ ଅଧ୍ୟାପିକାଙ୍କ ସମେତ କର୍ମଚାରୀ ଶାନ୍ତିପୂର୍ଣ୍ଣ ଧାରଣା ଦେଇଥିଲେ। ଏଥିସହ କାର୍ଯ୍ୟାନୁଷ୍ଠାନ ପାଇଁ କଲେଜ ପରିଚାଳନା କମିଟିର ଅଧ୍ୟକ୍ଷ ଭଦ୍ରକର ଅତିରିକ୍ତ ଜିଲାପାଳ ରବିନାରାୟଣ ସାହୁଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଗତ କିଛିଦିନ ଧରି ଦିନ ଲାଗିରହିଥିବା ପୁଞ୍ଜିଭୂତ ଅସନ୍ତୋଷ ଯୋଗୁ ଏହି ଧାରଣା ଦିଆଯାଇଥିଲା। କର୍ମଚାରୀମାନେ ଦର୍ଶାଇଛନ୍ତି ଯେ, ବିଭିନ୍ନ ସମୟରେ ଛୋଟ ଛୋଟ କଥାକୁ ନେଇ ଅଧ୍ୟକ୍ଷ କାରଣ ଦର୍ଶାଅ ନୋଟିସ ଜାରି କରୁଛନ୍ତି। କୌଣସି କାର୍ଯ୍ୟ ସମ୍ବନ୍ଧରେ ଠିକ୍ ଭାବେ ଅବଗତ ନ ହୋଇ ଦାୟିତ୍ୱସମ୍ପନ୍ନ ଓ କଲେଜର ସବୁ କାର୍ଯ୍ୟ ପାରଦର୍ଶିତାର ସହ ସମ୍ପାଦନ କରୁଥିବା ପ୍ରାଧ୍ୟାପକ, ପ୍ରାଧ୍ୟାପିକା ଓ ଅନ୍ୟମାନଙ୍କୁ ଅଯଥା ଆକ୍ଷେପ କରୁଛନ୍ତି। ଅଧ୍ୟକ୍ଷ ପ୍ରତିଦିନ ତାଙ୍କ ଘର ଜଗତସିଂହପୁରରୁ ମହାବିଦ୍ୟାଳୟକୁ ଯାତାୟାତ କରୁଛନ୍ତି। କଲେଜର କୌଣସି ଦାୟିତ୍ୱ ନ ନେଇ ଅଯଥାରେ କର୍ମଚାରୀମାନଙ୍କ ପ୍ରତି ଦୁର୍ବ୍ୟବହାର କରିବା, ବିରକ୍ତ ହୋଇ କର୍ମଚାରୀଙ୍କୁ ଅଫିସ ଭିତରୁ ବାହାରକୁ ଯିବା ପାଇଁ ନିର୍ଦ୍ଦେଶ ଦେଉଛନ୍ତି। ଏହା ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଅଧ୍ୟାପକ ଜୟନ୍ତ କୁମାର ପରିଡ଼ା, ରତ୍ନାକର ପାଲ୍, ଭଗବାନ ବାରିକ, କ୍ଷୀରସିନ୍ଧୁ ଦାସ ମହାପାତ୍ର, କଳ୍ପନା ଲେଙ୍କା, ସୁକାନ୍ତି ମହାପାତ୍ର, ନବଘନ ଘଡ଼େଇଙ୍କ ସମେତ ବହୁ କର୍ମଚାରୀ ଅତିରିକ୍ତ ଜିଲାପାଳଙ୍କୁ ଭେଟି ଦାବି ଜଣାଇଛନ୍ତି। ଅପରପକ୍ଷେ ଏନେଇ ଅଧ୍ୟକ୍ଷ ଅମରେନ୍ଦ୍ର ଦାସଙ୍କୁ ପଚାରିବାରୁ ତାଙ୍କ ବିରୋଧରେ ହୋଇଥିବା ଅଭିଯୋଗ ମିଥ୍ୟା ବୋଲି କହିଛନ୍ତି।

# 'ଛାତ୍ରୀଛାତ୍ରଙ୍କ ଅନ୍ତର୍ନିହିତ ପ୍ରତିଭାକୁ ଗୁରୁତ୍ୱ ଦେବା ଆବଶ୍ୟକ'


ରଜତ ଜୟନ୍ତୀ ଉତ୍ସବରେ ଉପସ୍ଥିତ ଅତିଥି।

ତିହିଡ଼ି,୨୧।୧୨(ସଞ୍ଜିତ ବଳ)

ପ୍ରତ୍ୟେକ ଛାତ୍ରୀଛାତ୍ରଙ୍କର ଅନ୍ତର୍ନିହିତ ପ୍ରତିଭା ଥାଏ। ଅଭିଭାବକମାନେ ଏହାକୁ ଗୁରୁତ୍ୱ ଦେବା ଆବଶ୍ୟକ ବୋଲି ଜିଲାପାଳ ଦିଲୀପ ରାଉତରାଏ କହିଛନ୍ତି। ତିହିଡ଼ିସ୍ଥିତ ଓଡ଼ିଶା ବ୍ରିଗେଡ୍ ସ୍କୁଲରେ ରବିବାର ଅନୁଷ୍ଠିତ ରଜତ ଜୟନ୍ତୀ ଉତ୍ସବକୁ ଉଦ୍‌ଘାଟନ କରିବା ଅବସରରେ ଜିଲାପାଳ ରାଉତରାଏ ଏହା କହିଛନ୍ତି। ଉପଦେଷ୍ଟା ସଚିକାନ୍ତ ନାୟକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟବକ୍ତା ଭାବେ କର୍ଣ୍ଣେଲ ରାଜୀବ ବଳ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଆଦର୍ଶ ମଣିଷ କରି ଗଢ଼ିବା ଶିକ୍ଷାନୁଷ୍ଠାନର ଲକ୍ଷ୍ୟ ହେବା ଆବଶ୍ୟକ ବୋଲି କହିଥିଲେ। ବରେଣ୍ୟ ଅତିଥି ଭାବେ ଏସ୍‌ଡିପିଓ ତ୍ରିଲୋଚନ ସେଠୀ ଓ ଅନ୍ୟତମ ଅତିଥି ଭାବେ ପୂର୍ବତନ ଅଧ୍ୟକ୍ଷ ଦୁର୍ଯ୍ୟୋଧନ ବେହେରା ଯୋଗ ଦେଇଥିଲେ। ସ୍କୁଲ ଅଧ୍ୟକ୍ଷ ବିସ୍ମୟ ବିହାରୀ ସାହୁ ବିବରଣୀ ପାଠ କରିଥିଲେ। ପରିଚାଳନା କମିଟି ସଭାପତି ସସ୍ମିତା ନାୟକ ଅତିଥିମାନଙ୍କୁ ଉପଢୌକନ, ଯଯାତି କେଶରୀ ଦାସ ମଞ୍ଚ ଆମନ୍ତ୍ରଣ, କବି ନୀଳମାଧବ ସେନାପତି ସ୍ୱାଗତ ଭାଷଣ ପ୍ରଦାନ ଓ ରାଜେଶ ଲେଙ୍କା ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ପୂର୍ବତନ ଅଧ୍ୟକ୍ଷ ବେହେରାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏମ୍‌ପିଙ୍କ ପ୍ରତିନିଧି ସୀତାକାନ୍ତ ନାୟକ, ଡ. ଲକ୍ଷ୍ମୀଧର ତ୍ରିପାଠୀ, ରଘୁନାଥ ପାତ୍ର, ଶିକ୍ଷାବିତ୍ ସୋମନାଥ ପାଢ଼ୀ, ଚନ୍ଦ୍ରକାନ୍ତ ମହାନ୍ତି, ଆଶୁତୋଷ କରଣ, ନିତ୍ୟାନନ୍ଦ ମଲ୍ଲିକ, କେଶବ ବେହେରା, ଅମୂଲ୍ୟ ସେନାପତି, ମନୋଜ ପାଣିଗ୍ରାହୀ, ଉମାକାନ୍ତ ଦାସ, ବିଶ୍ୱଜିତ ବେହେରା, ଜୟନ୍ତ କୁମାର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ଶିକ୍ଷାବିତ୍ ଗିରିଜା ରମଣ ଜେନା, ନିରଞ୍ଜନ ବାରିକ, ଜୟପ୍ରକାଶ ବେହେରା, ଦୀପୁ ଜେନା, ସୁରେଶ ନାୟକ, ହରିଶ୍ଚନ୍ଦ୍ର ନାୟକ, ସଂଗ୍ରାମ ବଳ, ନୀହାର ପାଣିଗ୍ରାହୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଚାନ୍ଦବାଲିର ୩ ବିଜ୍ଞାନ ପ୍ରକଳ୍ପ ରାଜ୍ୟସ୍ତରକୁ ମନୋନୀତ

ଚାନ୍ଦବାଲି,୨୧।୧୨(କିଷାନ ପାତ୍ର)

ଭଦ୍ରକ ଜିଲା ସ୍କୁଲ ପରିସରରେ ଗତ ୧୯ ଓ ୨୦ ତାରିଖରେ ଅନୁଷ୍ଠିତ ଜିଲାସ୍ତରୀୟ ବିଜ୍ଞାନ ମେଳାରେ ଚାନ୍ଦବାଲି ବ୍ଲକର ୩ ଶ୍ରେଷ୍ଠ ପ୍ରକଳ୍ପ ରାଜ୍ୟସ୍ତରକୁ ମନୋନୀତ ହୋଇଛି। ଧାମରା ନିକଟସ୍ଥ କଇଥଖୋଲା ବିବେକାନନ୍ଦ ଉଚ୍ଚ ବିଦ୍ୟାପୀଠର ଦଶମ ଶ୍ରେଣୀ ଛାତ୍ରୀ ସୁଶ୍ରୀ ଦେବଯାନୀ ମହାପାତ୍ରଙ୍କ ପ୍ରକଳ୍ପ 'ପ୍ଲାଷ୍ଟିକର ବିନାଶ-ଭାରତ ହେବ ବିକଶିତ' ଇକୋ କ୍ଲବ୍ ପ୍ରକଳ୍ପ ପ୍ରଦର୍ଶନୀରେ ପ୍ରଥମ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲା। ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀରେ ଘଣ୍ଟେଶ୍ୱର ରାଇପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ୭ମ ଶ୍ରେଣୀ ଛାତ୍ରୀ ସୋନାଲି ବିଶ୍ୱାଳଙ୍କ ପ୍ରକଳ୍ପ 'ଗୋ ସୁରକ୍ଷା କବଚ' ଓ ବିବେକାନନ୍ଦ ଉଚ୍ଚ ବିଦ୍ୟାପୀଠର ୧୦ମ ଶ୍ରେଣୀ ଛାତ୍ରୀ ଶ୍ୱେତାଲିନ ବିଶ୍ୱାଳଙ୍କ ପ୍ରକଳ୍ପ 'ଗ୍ରୀନ ଏନର୍ଜି' ରାଜ୍ୟସ୍ତରକୁ ମନୋନୀତ ହୋଇଛି। ବ୍ଲକ ଶିକ୍ଷାଧିକାରୀ ଶୁଭେନ୍ଦୁ ମହାରାଜ, ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ଅନିତା ମିଶ୍ର, ତ୍ରିପୁରା ପଲାଇ, ବିଜ୍ଞାନ ସଂଯୋଜକ ଅମୂଲ୍ୟ ରାଉତ, ସାମାଜିକ କର୍ମୀ ବଳଭଦ୍ର ଲେଙ୍କା, ତାରାପଦ ମହାନ୍ତି, ବନବିହାରୀ ମାଇତି, ସାହିତ୍ୟିକ ପ୍ରଫୁଲ୍ଲ ଦାସ, ଓକିଲ ସଂଘର ସଭାପତି ଉପେନ୍ଦ୍ର ରାଉଳ ପ୍ରମୁଖ କୁନି ବୈଜ୍ଞାନିକମାନଙ୍କ ସହ ଗାଇଡ୍ ଶିକ୍ଷକ ଶ୍ରୀଧର ସ୍ୱାଇଁ ଏବଂ ଅମରେଶ ପଣ୍ଡାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

# ଜିଲାସ୍ତରୀୟ ଶିଶୁ ମହୋତ୍ସବ

ବନ୍ତ,୨୧।୧୨(ହରିନାରାୟଣ ମହାନ୍ତି)



ଶିଶୁ ଉତ୍ସବ ମଞ୍ଚରେ ବିଧାୟକ ସଞ୍ଜୀବ ମଲ୍ଲିକ ବକ୍ତବ୍ୟ ପ୍ରଦାନ କରୁଛନ୍ତି।

ପିଲାମାନଙ୍କ ସଫଳତାରେ ମା' ବାପାଙ୍କ ପରେ ଯଦି କିଏ ଖୁସି ହୋଇଥାନ୍ତି, ସେ ହେଉଛନ୍ତି ଶିକ୍ଷକ। ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ଗଢ଼ିବା ପାଇଁ ଶିକ୍ଷକମାନେ ସର୍ବଦା ପ୍ରୟାସ କରିଥାନ୍ତି। ରବିବାର ବନ୍ତ ବ୍ଲକ କେନ୍ଦୁଆପଦା ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ(ଓଷ୍ଟା) ପକ୍ଷରୁ ଆୟୋଜିତ ୪୨ତମ ଜିଲାସ୍ତରୀୟ ଶିଶୁ ମହୋତ୍ସବରେ ଉଦ୍‌ଘାଟକ ଭାବେ ଭଣ୍ଡାରିପୋଖରୀ ବିଧାୟକ ସଞ୍ଜୀବ ମଲ୍ଲିକ ଯୋଗଦେଇ ଏହା କହିଛନ୍ତି। ଓଷ୍ଟାର ଜିଲା ସଭାପତି ଶଶୀଶେଖର କରଶର୍ମା ଏଥିରେ ସଭାପତିତ୍ୱ କରିଥିଲେ। ବିଧାୟକ ମଲ୍ଲିକ, ମୁଖ୍ୟଅତିଥି ଭାବେ ଜିଲା ପରିଷଦ ଅଧ୍ୟକ୍ଷ ପ୍ରଫୁଲ୍ଲ ଜେନା, ମୁଖ୍ୟବକ୍ତା ବନ୍ତ ଆଞ୍ଚଳିକ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ଡ.ଶୁଭେନ୍ଦ୍ର କୁମାର ମିଶ୍ର, ସମ୍ମାନିତ ବକ୍ତା ପୂର୍ବତନ ରାଜ୍ୟ ସମ୍ପାଦକ ରଘୁନାଥ ସାହୁ ଏବଂ ସମ୍ମାନିତ ଅତିଥି ଭାବେ ବ୍ଲକ ଉପାଧ୍ୟକ୍ଷା ପ୍ରଗତିବାଳା ସ୍ୱାଇଁ, କେନ୍ଦୁଆପଦା ସରପଞ୍ଚ ଇଂ.ପ୍ରମୋଦ ଜେନା, ଜିଲା କାର୍ଯ୍ୟକାରୀ ସଭାପତି ଅନିଲ କୁମାର ମିଶ୍ର ଯୋଗ ଦେଇଥିଲେ। ବନ୍ତ ବ୍ଲକ ସଭାପତି ଶ୍ରୀକାନ୍ତ ପଣ୍ଡା ଅତିଥିଙ୍କୁ ମଞ୍ଚକୁ ଆହ୍ୱାନ, ଭଦ୍ରକ ବ୍ଲକ ସମ୍ପାଦକ ବୈକୁଣ୍ଠ ବିଶ୍ୱାଳ ଅତିଥି ପରିଚୟ ପ୍ରଦାନ, ଜିଲା ସମ୍ପାଦକ ପ୍ରଭାତ କୁମାର ପାଣିଗ୍ରାହୀ ବିବରଣୀ ପାଠ ଓ ବାସୁଦେବପୁର ସମ୍ପାଦକ କମଳାକାନ୍ତ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ବିଭିନ୍ନ ବ୍ଲକରୁ ଆସିଥିବା ୧୪୦ ପ୍ରତିଯୋଗୀ ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇଥିଲେ। ସେମାନଙ୍କ ମଧ୍ୟରୁ କୃତୀ ପ୍ରତିଯୋଗୀମାନଙ୍କୁ ରାଜ୍ୟସ୍ତରକୁ ମନୋନୀତ କରାଯାଇଥିଲା। ବିଚାରକ ଭାବେ ସାରଥି ପଣ୍ଡା, ବୈକୁଣ୍ଠନାଥ ସାହୁ ଓ ଅପରାଜିତା ସାହୁ ଦାୟିତ୍ୱ ତୁଲାଇଥିଲେ।

ଉଦ୍‌ଯାପନୀ ଉତ୍ସବରେ ଅତିଥି ଭାବେ ରାଜ୍ୟ ସମ୍ପାଦକ ପ୍ରଣବ କୁମାର ଜେନା, ପୂର୍ବତନ ରାଜ୍ୟ ସହ ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ଦାଶ, ପୂର୍ବତନ ଜିଲା ଉପସଭାପତି ସୁବଳ କୁମାର ପତ୍ରୀ, ଅଜୟ କୁମାର ନନ୍ଦ, ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଦୁଃଶାସନ ଜେନା ଓ ଅବସରପ୍ରାପ୍ତ ଶିକ୍ଷକ କିଶୋର ଚନ୍ଦ୍ର ଦାଶ ଯୋଗ ଦେଇଥିଲେ। ଭଣ୍ଡାରିପୋଖରୀ ସମ୍ପାଦକ ମନୋରଞ୍ଜନ ପଣ୍ଡା ଅତିଥି ପରିଚୟ ପ୍ରଦାନ ଓ ବନ୍ତ ସମ୍ପାଦକ ସନ୍ତୋଷ କୁମାର ଜେନା ଧନ୍ୟବାଦ ଅର୍ପଣ କରିଥିଲେ। ପୂର୍ବତନ ଜିଲା ସମ୍ପାଦକ ପ୍ରଣବ କୁମାର ସାହୁ, ଚାନ୍ଦବାଲି ସମ୍ପାଦକ ପ୍ରଭାକର ପରିଡ଼ା, ତିହିଡ଼ି ସମ୍ପାଦକ ବିଶ୍ୱନାଥ ପଣ୍ଡା, ଧାମନଗର ସମ୍ପାଦକ ହେମନ୍ତ କୁମାର ସୂତାର, ଜିଲା ଉପସଭାପତି ପର୍ଶୁରାମ ସାହୁ, ବିକଶି ସାହୁ, ପର୍ଶୁରାମ ପାତ୍ର, ସହସମ୍ପାଦକ ପ୍ରଶାନ୍ତ ମିଶ୍ର, ଅରୁଣ ଶତପଥୀ, ଜିଲା କାର୍ଯ୍ୟକାରିଣୀ ସଭ୍ୟ ନିରଞ୍ଜନ ପଣ୍ଡା, ବ୍ରହ୍ମାନନ୍ଦ ରାୟ, ପ୍ରଦୀପ ବାରିକ, ସୁଶାନ୍ତ ଦାଶ, ରାଜ୍ୟ ସଦସ୍ୟ ଆଲୋକ ରଞ୍ଜନ ମୁଖାର୍ଜୀ, ଶିକ୍ଷକ ଅଭୟ କୁମାର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

# ସୁରକ୍ଷା ଅଭାବରୁ ବାଦୁଡ଼ି ଅସୁରକ୍ଷିତ

**ଖଇରା, ୨୧।୧୨ (ଉତ୍କଳବନ୍ଧୁ ପଣ୍ଡା)**



ଅସୁରକ୍ଷିତ ଭାବେ ବିଭିନ୍ନ ଗଛକୁ ଭରସା କରିଥିବା ବାଦୁଡ଼ି।

■ଦାଉ ସାଧୁଛନ୍ତି ଶିକାରୀ
■ସବୁ ଜାଣି ବିଭାଗ ନୀରବ

ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ସାରଡାଙ୍ଗ ଗ୍ରାମରେ କାହିଁ କେତେଦିନରୁ ତେନ୍ତୁଳିଗଛକୁ ଆଶ୍ରା କରି ବଂଶ ବିସ୍ତାର କରୁଥିବା ବାଦୁଡି ବଂଶ ଏବେ ଅସୁରକ୍ଷିତ। ୧୦୦ ବର୍ଷ ତଳର ଦୁଇଟି ତେନ୍ତୁଳି ଗଛ ଭାଙ୍ଗିବା ପରେ ଏବେ ବାଦୁଡି ବଂଶ ଏଣେ ତେଣେ ବିଭିନ୍ନ ଗଛକୁ ଭରସା କରି ରହୁଛନ୍ତି। ଶିକାରୀମାନେ ଏହି ମୌକାରେ ଜାଲ ବସାଇ ସେମାନଙ୍କୁ ଧରି ବିକି ଚାଲିଛନ୍ତି। ଯଦି ବନ ବିଭାଗ ଏଥିପ୍ରତି ଗୁରୁତ୍ୱ ନ ଦିଏ ତେବେ ଅଳ୍ପଦିନରେ ବାଦୁଡ଼ି ବଂଶ ଲୋପ ପାଇବା ନିଶ୍ଚିତ ବୋଲି କୁହାଯାଉଛି।

ସାରଡାଙ୍ଗ ଗ୍ରାମର ମେଙ୍କି ମାଉସୀ ନାମକ ବୃଦ୍ଧାଙ୍କ ବାଡ଼ିରେ ଥିବା ତେନ୍ତୁଳିଗଛରେ ପ୍ରଥମେ ବାଦୁଡ଼ି ରହିବା ଆରମ୍ଭ କଲେ। ବୃଦ୍ଧା ଜଣକ ନିସନ୍ତାନ ଥିବାରୁ ସେ ବାଦୁଡିମାନଙ୍କୁ ସନ୍ତାନ ଭଳି ପାଳିଥିଲେ। ପରେ କଳମଚୁଆଗ୍ରାମର ହରେକୃଷ୍ଣ ପଣ୍ଡାଙ୍କୁ ପାଳିତ ପୁତ୍ର ଭାବେ ଘରକୁ ଆଣି ତାର ବିବାହ ମଧ କରାଇଥିଲେ। ହରେକୃଷ୍ଣ ମଧ ମା'ଙ୍କ ଭଳି ବାଦୁଡ଼ିଙ୍କର କୌଣସୀ କ୍ଷତି ପହଞ୍ଚାଇବାକୁ ଦେଇ ନ ଥିଲେ। ପ୍ରାୟ ୨୫ ବର୍ଷ ତଳେ ତତ୍କାଳୀନ ବାଲେଶ୍ୱର ଡିଏଫଓ ଓ ଜିଲାପାଳ ସାରଡାଙ୍ଗ ବାଦୁଡି ରହୁଥିବା ସ୍ଥାନକୁ ଆସି ଖୁସି ବ୍ୟକ୍ତ କରିବା ସହ ହରେକୃଷ୍ଣଙ୍କୁ ୫ହଜାର ଟଙ୍କା ପ୍ରଦାନ କରିଥିଲେ। ଖରାଦିନେ ଅସହ୍ୟ ଗରମରୁ ପାହାଡ଼କୁ ପଳାଇ ଯାଉଥିବା ବାଦୁଡ଼ିଙ୍କ ପାଇଁ ପାଣିର ବ୍ୟବସ୍ଥା ଓ ଅନ୍ୟାନ୍ୟ ବ୍ୟବସ୍ଥା ପାଇଁ ଉପସ୍ଥିତ ଡିଏଫଓ ଦେଇଥିବା ପ୍ରତିଶ୍ରୁତି କେବଳ କଥାରେ ସୀମିତ ରହି ଯାଇଛି। କିଛି ବର୍ଷ ତଳେ ହରେକୃଷ୍ଣ ଆଖିବୁଜିବା ସାଙ୍ଗକୁ ଗତ ଫାଇଲନରେ ତେନ୍ତୁଳିଗଛ ଓପୁଡି ଯାଇଛି। ବେସାହାରା ବାଦୁଡି ବଂଶରୁ କିଛି ବାଉଁଶ, ଆମ୍ବ ଭଳି ବିଭିନ୍ନ ଗଛରେ ଅସୁରକ୍ଷିତ ଭାବେ ରହୁଛନ୍ତି। ଶିକାରୀମାନେ ଅର୍ଥ ଉପାର୍ଜନ ପାଇଁ ବାଦୁଡିଙ୍କୁ ମାରି ବଂଶ କମାଇବାରେ ଲାଗି ପଡିଛନ୍ତି। ଏ ସମ୍ପର୍କରେ କୁପାରୀ ଫରେଷ୍ଟର ନରେଶ ସିଂଙ୍କୁ ପଚାରିବାରୁ ଏଥିପ୍ରତି ଦୃଷ୍ଟି ଦିଆଯିବ ବୋଲି ସେ କହିଛନ୍ତି। ଆଗକୁ ବାଦୁଡ଼ିଙ୍କ ପ୍ରଜନନ ସମୟ ଆସୁଥିବା ବେଳେ ଏଭଳି ପରିସ୍ଥିତିରେ ସେମାନଙ୍କ ସୁରକ୍ଷା ପ୍ରଶ୍ନବାଚୀ ସୃଷ୍ଟି କରିଛି।

# ପଳସା ମିନିଷ୍ଟାଡିୟମରେ ହେବ ପ୍ରତିଭା ମହୋତ୍ସବ



ପ୍ରସ୍ତୁତି ବୈଠକରେ ଉପସ୍ଥିତ ସଙ୍ଗଠନର ସଦସ୍ୟମାନେ।

**ଖଇରା, ୨୧।୧୨ (ଉତ୍କଳବନ୍ଧୁ ପଣ୍ଡା)**

ବାଲେଶ୍ୱର ଜିଲା ଖଇରା ବ୍ଲକର ସର୍ବବୃହତ ପୁଜ୍ୟପୂଜା ସଙ୍ଗଠନ ପ୍ରତିଭା ପରିବାର ଆନୁକୂଲ୍ୟରେ ଚଳିତ ବର୍ଷର ପ୍ରତିଭା ମହୋତ୍ସବ ପଳସା ମିନିଷ୍ଟାଡିୟମରେ ଅନୁଷ୍ଠିତ ହେବ। ଏନେଇ ଏକ ପ୍ରସ୍ତୁତି ବୈଠକ ମିନି ଷ୍ଟାଡିୟମ ସଂଲଗ୍ନ ଆର୍‌ଏମ୍‌ସି ଗୃହ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସ୍ଥାୟୀ ସଭାପତି ବସନ୍ତ କୁମାର ଖିଲାରଙ୍କ ପୌରହିତ୍ୟରେ ଆୟୋଜିତ ବୈଠକରେ ପଳସା ପଞ୍ଚାୟତର ପୂର୍ବତନ ସମିତି ସଭ୍ୟ ପ୍ରଭାସ ଚନ୍ଦ୍ର ବାରିକ, ପୂର୍ବତନ ସରପଞ୍ଚଙ୍କ ପ୍ରତିନିଧି ଅଶୋକ ଦାସ ମହାପାତ୍ର, ଗଜେନ୍ଦ୍ର ପାତ୍ର, ରମାକାନ୍ତ ମହାନ୍ତି ଓ ମାନସ କୁମାର ପଣ୍ଡାଙ୍କ ସମେତ ପଳସା ଓ ନଛିପୁର ଗ୍ରାମର ଗ୍ରାମବାସୀ ଉପସ୍ଥିତ ଥିଲେ। ପ୍ରତିଭା ପରିବାରର ସମସ୍ତ କର୍ମକର୍ତ୍ତା ତଥା ସଭ୍ୟମାନେ ଉପରୋକ୍ତ ୨ଗ୍ରାମର ଅଧିବାସୀଙ୍କୁ କୃତଜ୍ଞତା ଜଣାଇଥିଲେ। ପୁର୍ବରୁ ଏହି ମହୋତ୍ସବ ଖଇରା ଦୁର୍ଗାମଣ୍ଡପରେ ଆୟୋଜିତ ହୋଇଆସୁଥିବା ବେଳେ ଦର୍ଶକଙ୍କ ଭିଡ଼କୁ ଦୃଷ୍ଟିରେ ରଖି ଏହି ମହୋତ୍ସବ ପଳସା ମିନିଷ୍ଟାଡିୟମକୁ ସ୍ଥାନାନ୍ତର କରିବାକୁ ଅଧିକାଂଶ ସଦସ୍ୟ ମତ ଦେଇଥିଲେ ।

# ମେଗା ଋଣ ବିତରଣ ଶିବିର

**ଗାନ୍ଧିଛକ, ୨୧।୧୨ (ଦିଲ୍ଲୀପ ପଣ୍ଡା)**

ବସ୍ତା ବ୍ଲକ ଅନ୍ତର୍ଗତ ଓଡ଼ିଶା ଗ୍ରାମୀଣ ବ୍ୟାଙ୍କ ଭେଲୋରା ଶାଖା ପକ୍ଷରୁ ତାରିଣୀ କଲ୍ୟାଣ ମଣ୍ଡପଠାରେ ମେଗା ଋଣ ବିତରଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଶାଖା ପରିଚାଳକ ସନ୍ୟାସୀ ଜେନାଙ୍କ ପୌରୋହିତ୍ୟରେ ଆୟୋଜିତ ଏହି ଶିବିରକୁ ସହ ଶାଖା ପରିଚାଳକ ଅର୍ଦ୍ଧେନ୍ଦୁ ବିକାଶ ଷଡ଼ଙ୍ଗୀ ପରିଚାଳନା କରିଥିଲେ। ମୁଖ୍ୟ ଅତିଥି ଭାବେ ରିଜିଓନାଲ ମ୍ୟାନେଜର ଆଶିଷ କୁମାର ନାୟକ, ସମ୍ମାନିତ ଅତିଥି ଭାବେ ଭେଲୋରା ସରପଞ୍ଚ ଦୁର୍ଗାରାଣୀ ଜେନା, ସନ୍ତୋଷପୁର ସରପଞ୍ଚ ସଂଗ୍ରାମ କୁମାର ଦାସ ମହାପାତ୍ର, କୁଲିଦା ସରପଞ୍ଚ ଅନ୍ନପୂର୍ଣ୍ଣା ସେନାପତି, ମିଶନ ଶକ୍ତି ବିପିଏମ୍ ରବୀନ୍ଦ୍ର କୁମାର ଜେନା, ବସ୍ତା ବ୍ଲକ ଫାଇନାନ୍ସ ଅଧିକାରୀ ରମେଶ ଚନ୍ଦ୍ର ବେହେରା, ସ୍ଥାନୀୟ ସମିତି ସଭ୍ୟ ଅନାଦି ଦାସ, ସିନିଅର ମ୍ୟାନେଜର ଦୀପକ କୁମାର ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଶାଖା ତରଫରୁ ୩ଟି ପଞ୍ଚାୟତର ବିଭିନ୍ନ ବିଭାଗରେ ଆବେଦନ କରିଥିବା ୪୮ଟି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଓ ବ୍ୟକ୍ତିଗତ ଆବେଦନ କରିଥିବା ୪୦୦ରୁ ଊର୍ଦ୍ଧ୍ୱ ଗ୍ରାହକଙ୍କୁ ୩ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଋଣ ଆକାରରେ ପ୍ରଦାନ କରାଯାଇଥିଲା। ଏହି ଅବସରରେ କୁଲିଦା ଏମ୍‌ବିକେ ପୁଷ୍ପଲତା ନାୟକ, ଭେଲୋରା ଏମ୍‌ବିକେ କାବେରୀ ଦାସ ମହାପାତ୍ର, ସନ୍ତୋଷପୁର ଏମ୍‌ବିକେ ଚିତ୍ରଲେଖା ଗିରି ଓ ବ୍ୟାଙ୍କ ମିତ୍ର ଲକ୍ଷ୍ମୀପ୍ରିୟା ପରିଡାଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ କର୍ମଚାରୀ ଜନ୍ମେଜୟ ପରିଡ଼ା, ଅଶ୍ୱିନୀ କୁମାର ଦାସ,ସପନ କୁମାର ବେହେରା, କାହ୍ନୁଚରଣ ଚୌଧୁରୀଙ୍କ ସମେତ ସମସ୍ତ ସିଆର୍‌ପି ଓ ମହିଳା ଗୋଷ୍ଠୀ ସଦସ୍ୟା ସହଯୋଗ କରିଥିଲେ। କ୍ୟାସିଆର୍ ମନିନ୍ଦ୍ର ସୁନ୍ଦର ଚାନ୍ଦ ଧନ୍ୟବାଦ ଦେଇଥିଲେ।

# ୧୧୩ ୟୁନିଟ୍ ରକ୍ତ ସଂଗ୍ରହ



ରକ୍ତଦାତାଙ୍କ ଗହଣରେ ଜଜ୍ ଓ ଆଇନଜୀବୀ।

**ବାଲେଶ୍ୱର, ୨୧।୧୨ (ବାଞ୍ଛାନିଧି ଦେ)**

ବାଲେଶ୍ୱର ଲୟାର୍ସ କ୍ଲବ ଓ ଜିଲା ଆଇନସେବା ପ୍ରାଧିକରଣର ମିଳିତ ଆନୁକୂଲ୍ୟରେ ଶନିବାର ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲା ଓ ଦୌରାଜଜଙ୍କ ଅଦାଲତ ପରିସରରେ ଆୟୋଜିତ ଏହି ଶିବିରକୁ ମୁଖ୍ୟ ଅତିଥିଭାବେ ଜିଲା ଦୌରାଜଜ ସତ୍ୟନାରାୟଣ ମିଶ୍ର ଉଦ୍‌ଘାଟନ କରି ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ।

ଅନ୍ୟ ସମସ୍ତ ଜଜ୍‌ଙ୍କ ସମେତ ଲୟାର୍ସ କ୍ଲବ ସଭାପତି ଆଇନଜୀବୀ ହରେକୃଷ୍ଣ ଦାସ, କାର୍ଯ୍ୟକାରୀ ସଭାପତି ଆଇନଜୀବୀ ରଘୁନାଥ ପ୍ରଧାନ, ସମ୍ପାଦକ ସାହିରୁଲ ହକ, ଓକିଲ ସଂଘ ସଭାପତି କେଶବ ଆଚାର୍ଯ୍ୟ, ସମ୍ପାଦକ ସମ୍ବିତ ନନ୍ଦୀ, ଉପ-ସଭାପତି ରଣଜିତ ପଣ୍ଡା, ବରିଷ୍ଠ ଡା. ସଞ୍ଜୀବ ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ୧୧୩ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା। ଜିଲା ରକ୍ତଦାତା ସଂଘର ସଭାପତି କମଳ ଚକ୍ରବର୍ତ୍ତୀ, ସାମାଜିକ କର୍ମୀ ଶୈଳେନ୍ଦ୍ର ସିଂ ଓ ମମତା ଦାସଙ୍କୁ କ୍ଲବ୍ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଆଇନଜୀବୀ ପିନାକୀ ଧୀର, ସୁଲଳିତ କର, ସୌରୀ ଶଙ୍କର ପରିଡ଼ା, ଅନୁରାଧା ବାରିକ, କିରଣ ମହାରଣା, ଅଜିତ ଭଦ୍ର, ଶାନ୍ତନୁ ରାଉତ, ବାଦଲ ବେହେରା, ଦୁର୍ଗା ଦାସ, ବନ୍ଦନା ବିଶ୍ୱାଳ, ଯଶୋଦା ନନ୍ଦନ ଆଶ ପ୍ରମୁଖ ଶିବିର ପରିଚାଳନାରେ ସହଯୋଗ କରିଥିଲେ।

# ସମର ଶିକ୍ଷାର୍ଥୀ ବାହିନୀର ଶୁଭ ଉଦ୍‌ଘାଟନ ଉତ୍ସବ

**କାଳିପଦା, ୨୧।୧୨ (ରାଜଶ୍ରୀ ପାଣିଗ୍ରାହୀ)**

ବାଲେଶ୍ୱର ଜିଲା ବାଲିଆପାଳ ବ୍ଲକ ପିଏମଶ୍ରୀ କୁଞ୍ଜବିହାରୀ କୃପାସିନ୍ଧୁ ସରକାରୀ ଉଚ୍ଚ ବିଦ୍ୟାଳୟରେ ଶନିବାର ଅପରାହ୍ନରେ ବାର୍ଷିକ ଉତ୍ସବ ଅବସରରେ ସମର ଶିକ୍ଷାର୍ଥୀ ବାହିନୀର ଶୁଭ ଉଦଘାଟନ ହୋଇଯାଇଛି। ବିଦ୍ୟାଳୟର ସହକାରୀ ଶିକ୍ଷକ ପରମାନନ୍ଦ ଦେଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ଭଦ୍ରକ ଶାଖା କମାଣ୍ଡିଙ୍ଗ ସୁଦିପ୍ତ କୁମାର ସାହୁ ଯୋଗଦେଇ ଏହି କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ମୁଖ୍ୟ ଅତିଥି ଭାବେ ବସ୍ତା ଏସ୍‌ଡିପିଓ ମାନସ ଦେଓ, ମୁଖ୍ୟ ବକ୍ତାଭାବେ ପରିବେଶବିତ୍ ସୁମନ୍ତ କୁମାର ଜେନା, ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ଶିକ୍ଷକ ଭଗିରଥ ଦେ, ଖବରଦାତା ରାଜଶ୍ରୀ ପାଣିଗ୍ରାହୀ, କଲେଜ ଅଧକ୍ଷ ଦେବାଶିଷ ସାହୁ, ସମର ଶିକ୍ଷାର୍ଥୀ ବାହିନୀର ଦାୟିତ୍ୱରେ ଥିବା ଶିକ୍ଷକ ମନୋଜ ସାହୁ, ଶିକ୍ଷୟିତ୍ରୀ ବୃନ୍ଦାବତୀ ସୋର ପ୍ରମୁଖ ଯୋଗଦେଇ ଛାତ୍ରୀଛାତ୍ରଙ୍କ ପାଠ ପଢ଼ା ସହିତ ସମର ଶିକ୍ଷାର୍ଥୀ ବାହିନୀର ଆବଶ୍ୟକତା ରହିଛି ବୋଲି କହିଥିଲେ। ଶିକ୍ଷାବିତ୍ ଭଗିରଥ ଗିରି ଧନ୍ୟବାଦ୍ ଅର୍ପଣ କରିଥିଲେ।

# ବିଦ୍ୟାଳୟର ବାର୍ଷିକ ଉତ୍ସବ

**ବାହାନଗା, ୨୧।୧୨ (ଅରୂପ୍ କୁମାର ଦାସ)**

ବାହାନଗା ବ୍ଲକ୍ ଅଧୀନ ଗୋପାଳପୁରସ୍ଥିତ ପିଏମ୍‌ଶ୍ରୀ ମଣିଭଦ୍ର ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଏକ ସାଧାରଣ ସଭା ଓ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ସଭାପତିତ୍ୱ କରିଥିଲେ ବିଦ୍ୟାଳୟର ଭାରାପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ କିରଣବାଳା ମଲ୍ଲିକ। କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ଶିକ୍ଷୟିତ୍ରୀ ଲିଲିମା ପଣ୍ଡା। ଶରତ କୁମାର ମହାପାତ୍ର କାର୍ଯ୍ୟକ୍ରମ ଉଦଘାଟନ କରିଥିଲେ। । ମୁଖ୍ୟଅତିଥି ଭାବେ ଜିଲା ଶିକ୍ଷାଧିକାରୀ ବସନ୍ତ କୁମାର ନାୟକ, ମୁଖ୍ୟବକ୍ତା ଭାବେ ସ୍ତମ୍ଭକାର ଡ.ବଳରାମ ମିଶ୍ର, ସମ୍ମାନିତ ଅତିଥି ଭାବେ ସହଗୋଷ୍ଠୀ ଶିକ୍ଷାଧିକାରୀ ରୋହିଆ ଟୁଡୁ, ଗୋପାଳପୁର ସରପଞ୍ଚ ତୁଷାରକାନ୍ତି ମହାପାତ୍ର, ଗୋପାଳପୁର ସମିତି ସଭ୍ୟ ଯୋଗେଶ ଚନ୍ଦ୍ର ପତି, ସିଆରସିସି ପବିତ୍ର କୁମାର ଦାସ ପ୍ରମୁଖ ଯୋଗ ଦେଇଥିଲେ। ପରେ ବିଦ୍ୟାଳୟର ବିଭିନ୍ନ ଖେଳ ପ୍ରତିଯୋଗିତାରେ କୃତିତ୍ୱ ଲାଭ କରିଥିବା ଛାତ୍ରୀଛାତ୍ରମାନଙ୍କୁ ଅତିଥିମାନେ ପୁରସ୍କାର ଓ ସାର୍ଟିଫିକେଟ ପ୍ରଦାନ କରିଥିଲେ। ଶେଷରେ ଛାତ୍ରୀଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।



ବାର୍ଷିକୋତ୍ସବରେ ଉପସ୍ଥିତ ଅତିଥିମାନେ।

# ବଢୁଛି ବେଆଇନ ମାଟି ଚାଲାଣ

**ଗାନ୍ଧିଛକ, ୨୧।୧୨ (ଦିଲ୍ଲୀପ ପଣ୍ଡା)**

ବସ୍ତା ଥାନା ଅଞ୍ଚଳର ବିଭିନ୍ନ ସ୍ଥାନରେ ମାଟି ଚୋରାଚାଲାଣକାରୀଙ୍କ ଦୌରାତ୍ମ୍ୟ ବଢ଼ି ଚାଲିଛି। ଜମିରୁ ମେସିନ୍ ଦ୍ୱାରା ମାଟି ତାଡ଼ି ଟ୍ରାକ୍ଟର ଯୋଗେ ଦିନରାତି ଚାଲାଣ କରୁଥିବା ଅଭିଯୋଗ ହୋଇଛି। ବିଭାଗୀୟ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରାଯାଉଥିଲେ ମଧ କାର୍ଯ୍ୟାନୁଷ୍ଠାନ ନିଆଯାଉନି।

ବର୍ତ୍ତମାନ ଜମିରେ ଧାନକଟା ସରିଛି। ମାଟି ଚୋରାଚାଲାଣକାରୀମାନେ ସକ୍ରିୟ ହୋଇ କୁଡ଼ିଆ ପଞ୍ଚାୟତ ଅନ୍ତର୍ଗତ କଦଳୀହଣ୍ଡା ଓ ବରୁଣଗଡ଼ିଆ ପଞ୍ଚାୟତ ଆଦି ଅଞ୍ଚଳର ଚାଷଜମିଗୁଡ଼ିକରୁ ଜେସିବି ସାହାଯ୍ୟରେ ଖୋଳି ଟ୍ରାକ୍ଟର ଯୋଗେ ବେଧଡ଼କ ମାଟି ବିକ୍ରି କରୁଛନ୍ତି। ଯେଉଁସବୁ ଟ୍ରାକ୍ଟରରେ ମାଟି ଲୋଡିଂ ହୋଇ ଚାଲାଣ ହେଉଛି, ପ୍ରାୟ ଅଧିକାଂଶ ଟ୍ରାକ୍ଟରରେ କାଗଜପତ୍ର ଠିକ୍ ନାହିଁ। ନାବାଳକ ଚାଳକ ଗାଁ ଭିତରେ ବେପରୁଆ ଭାବେ ଟ୍ରାକ୍ଟର ନେଇ ଯାଉଥିବାରୁ ଧନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି। ବିଭିନ୍ନ ସମୟରେ ଦୁର୍ଘଟଣା ଘଟୁଥିବା ପରିଲକ୍ଷିତ ହେଉଛି। ବିଭାଗୀୟ ଅଧିକାରୀଙ୍କୁ ଏନେଇ ସୂଚନା ଦିଆଯାଉଥିଲେ ହେଁ କର୍ମଚାରୀ ନାହାନ୍ତି, ଡ୍ରାଇଭର ନାହାନ୍ତି, ରାତ୍ରି ଉଜାଗର ଅଛୁ କହି କଥାକୁ ଏଡ଼ାଇ ଯାଉଛନ୍ତି। କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନ ଥିବାରୁ ସାଧାରଣରେ ଅସନ୍ତୋଷ ଦେଖାଦେଇଛି। ମାଟି ଚାଲାଣ ରୋକା ନ ଗଲେ ଆନ୍ଦୋଳନ ହେବ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି।

# ଏସ୍‌ୟୁସିଆଇର ବିକ୍ଷୋଭ



ବିକ୍ଷୋଭ ପ୍ରଦର୍ଶନ କରୁଥିବା ଏସ୍‌ୟୁସିଆଇ ସଦସ୍ୟମାନେ।

**ଭୋଗରାଇ, ୨୧।୧୨ (ପ୍ରଦୀପ ଦାସ)**

ବାଲେଶ୍ୱର ଜିଲା ଭୋଗରାଇ ବ୍ଲକରେ ପାଣି ନିଷ୍କାସନ, ବନ୍ୟା ନିୟନ୍ତ୍ରଣ, ଭୂମିହୀନଙ୍କୁ ସ୍ଥାୟୀ ପଟ୍ଟା ସହ ୨ ବଖରା ଆବାସଗୃହ ଯୋଗାଇ ଦେବା, ନାରୀ ନିର୍ଯାତନା, ମାଦକ ଦ୍ରବ୍ୟ କରାବାର ବନ୍ଦ କରିବା, ବନ୍ଦ ହୋଇଥିବା ସମସ୍ତ ପ୍ରାଥମିକ ବିଦ୍ୟାଳୟକୁ ଅବିଳମ୍ବେ ଖୋଲିବା, ନୂତନ ଜାତୀୟ ଶିକ୍ଷାନୀତିକୁ ବାତିଲକରି ଗଣତାନ୍ତ୍ରିକ, ଧର୍ମନିରପେକ୍ଷ, ବିଜ୍ଞାନ ସମ୍ମତ ଶିକ୍ଷା ପଦ୍ଧତି ଚାଲୁକରିବା ପ୍ରଭୃତି ଦାବି ନେଇ ଏସ୍‌ୟୁସିଆଇ (କମ୍ୟୁନିଷ୍ଟ) ଭୋଗରାଇ ଶାଖା ପକ୍ଷରୁ ଶନିବାର ପୂର୍ବାହ୍ନରେ ଭୋଗରାଇ ତହସିଲ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥଲା। ବିକ୍ଷୋଭକାରୀମାନେ ଥାନାଛକ ବସଷ୍ଟାଣ୍ଡରୁ ଶୋଭାଯାତ୍ରାରେ ବାହାରି ହାତରେ ପ୍ଲାକାର୍ଡ ଧରି ବିଭିନ୍ନ ସ୍ଲୋଗାନ ଦେବା ସହିତ ତହସିଲ କାର୍ଯ୍ୟାଳୟ ସମ୍ମୁଖ ମୁଖ୍ୟ ଫାଟକରେ ପହଞ୍ଚି ଥିଲେ । ସେଠାରେ ଆନ୍ଦୋଳନ କାରୀମାନେ ଦୀର୍ଘ ସମୟ ବିକ୍ଷୋଭ ପ୍ରଦର୍ଶନ ପରେ ଭୋଗରାଇ ଏସୟୁସିଆଇ ଆଞ୍ଚଳିକ କମିଟିର ସମ୍ପାଦିକା କ୍ରିଷ୍ଣରାଣୀ ସାହୁଙ୍କ ସଭାପତିତ୍ୱରେ ଏକ ପ୍ରତିବାଦ ସଭା କରାଯାଇଥିଲା । ଦଳର ଜିଲା ସମ୍ପାଦକ ନିରାକାର ପଣ୍ଡା, ସଦସ୍ୟା ସସ୍ମିତା ମହାନ୍ତି, ସରୋଜିନୀ ମାହାନ୍ତି, ପ୍ରଶାନ୍ତ ଦାସ, ହରେକୃଷ୍ଣ ଦାସ ପ୍ରମୁଖ ନେତୃମଣ୍ଡଳୀ ଭୋଗରାଇବାସୀଙ୍କ ନ୍ୟାୟଚିତ ଦାବିକୁ ସରକାର ଅବିଳମ୍ବେ ପୂରଣ ନ କଲେ ବୃହତ୍ତର ଗଣ ଆନ୍ଦୋଳନ କରାଯିବବୋଲି ସରକାରଙ୍କୁ ଚେତାବନୀ ଦେଇଥିଲେ। ଭୋଗରାଇ ତହସିଲଦାର ସୂର୍ଯ୍ୟ କୁମାର ନାୟକ ଆନ୍ଦୋଳନକାରୀଙ୍କ ପାଖକୁ ଆସି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦିଆ ଯାଇଥିବା ସ୍ମାରକପତ୍ରକୁ ଗ୍ରହଣ କରିଥିଲେ।

# ସରସ୍ୱତୀ ଶିଶୁ ମନ୍ଦିରର ବାର୍ଷିକ କ୍ରୀଡ଼ା

**ଖଇରା, ୨୧।୧୨ (ଉତ୍କଳବନ୍ଧୁ ପଣ୍ଡା)**

ଖଇରା ବଜାର ନଟାପଡ଼ା ଛକସ୍ଥିତ ସରସ୍ୱତୀ ଶିଶୁ ମନ୍ଦିରର ଦୁଇ ଦିନିଆ ବାର୍ଷିକ କ୍ରୀଡ଼ା ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ବୁଧବାର ସକାଳେ ତାରିଣୀ ମନ୍ଦିରରୁ କ୍ରୀଡ଼ା ଜ୍ୟୋତି ବାହାରିଥିଲା। ପ୍ରଧାନଚାର୍ଯ୍ୟ ଶଶିକାନ୍ତ ଦାସଙ୍କ ସଭାପତିତ୍ୱରେ ଆୟୋଜିତ ବାର୍ଷିକ କ୍ରୀଡ଼ାରେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଷଡାନନ ପାଣିଗ୍ରାହୀ ମୁଖ୍ୟଅତିଥିଭାବେ ଯୋଗଦେଇ କ୍ରୀଡ଼ାଜ୍ୟୋତି ସ୍ଥାପନା କରିଥିଲେ। ଶୁଭଲକ୍ଷ୍ମୀ ପ୍ରଧାନ ପିଲାମାନଙ୍କୁ ଶପଥ ପାଠ କରାଇଥିଲେ। ଉଦୟରୁ ସପ୍ତମ ଶ୍ରେଣୀ ପର୍ଯ୍ୟନ୍ତ ବାଳିକା ଓ ବାଳକ ବିଭାଗରେ ଗୋଲାଫିଙ୍ଗା, ଲମ୍ଫଡିଆଁ, ସ୍କିପିଂ, ଆଳୁ ଚାମଚ, ଛୁଞ୍ଚିସୂତା, ଧୀର ସାଇକେଲ ଚାଳନା, ଜିଲାପି ଦୌଡ଼ ଇତ୍ୟାଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କୃତୀ ଛାତ୍ରୀଛାତ୍ରମାନଙ୍କୁ ବାର୍ଷିକୋତ୍ସବରେ ପୁରସ୍କୃତ କରାଯିବ। ଗୁରୁଜୀ ବଳରାମ ଲେଙ୍କା, ପ୍ରଭାକର ଓଝା, ସୁବ୍ରତ ସାହୁ, ମିତା ପାତ୍ର, ପ୍ରଜ୍ଞାପାରମିତା ପ୍ରଧାନ, ସ୍ମୃତି ପ୍ରଧାନ, ରଶ୍ମୀପ୍ରଭା ଲେଙ୍କା, ବାସନ୍ତୀ ମହାପାତ୍ର, ବବିତା ପାଣିଗ୍ରାହୀ, ମଧୁସ୍ମିତା ଜେନା, ଅହଲ୍ୟା ପାଣି କ୍ରୀଡ଼ା ପରିଚାଳନା କରିଥିଲେ ।

# ଗଜସାଥୀଙ୍କ ଦକ୍ଷତା ବୃଦ୍ଧି ତାଲିମ ଶିବିର

**ନୀଳଗିରି, ୨୧।୧୨ (ପ୍ରଶାନ୍ତ ବିଶ୍ୱାଳ)**

ଓଡ଼ିଶା ସରକାରଙ୍କ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ନୀଳଗିରି ବନ୍ୟଜୀବ ବନାଞ୍ଚଳ ବାଲେଶ୍ୱର ବନଖଣ୍ଡ ଆନୁକୁଲ୍ୟରେ ଗଜସାଥୀ ମାନଙ୍କର ଦକ୍ଷତାବୃଦ୍ଧି ତାଲିମ ଶିବିର ଡିଏଫ୍‌ଓ ପ୍ରଫୁଲ୍ଲ କୁମାର ମଲ୍ଲିକଙ୍କ ନିର୍ଦ୍ଦେଶରେ ରବିବାର ଜାମୁଡ଼ିହା ସ୍ଥାୟୀ ଚାରାବିତରଣ କେନ୍ଦ୍ରଠାରେ ସ୍ଥାନୀୟ ରେଞ୍ଜ ଅଧିକାରୀ ମନୱର୍ ଖାଁଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଯାଇଛି। ନୀଳଗିରି ରେଞ୍ଜ ଅଧୀନ ୧୪୫ ଗଜସାଥୀ ଉକ୍ତ ତାଲିମ ଶିବିରରେ ଯୋଗଦେଇଥିଲେ। ମୁଖ୍ୟତଃ ହାତୀ ସୁରକ୍ଷା, ବନାଞ୍ଚଳବାସୀଙ୍କୁ ହାତୀ ଆଗମନ ସମୟରେ କିପରି ନିଜକୁ ସୁରକ୍ଷିତ ରହିବେ, ନିଆଁ ଦାଉରୁ ଜଙ୍ଗଲ ରକ୍ଷା ବିଷୟରେ ଗଜସାଥୀମାନଙ୍କୁ ତାଲିମ ପ୍ରଦାନ କରାଯାଇଥିଲା। ରେଞ୍ଜ ଅଧିକାରୀ ଖାଁଙ୍କ ସମେତ ପୂର୍ବତନ ୱାର୍ଡେନ୍ ପ୍ରକାଶ ମର୍ଦ୍ଦରାଜ ଓ ପୂର୍ବତନ ବନପାଳ ଶ୍ରୀଧର ଲେଙ୍କା ଏହି ଶିବିରରେ ତାଲିମ ପ୍ରଦାନ କରିଥିଲେ। ଗଜସାଥୀମାନଙ୍କୁ ବିଭାଗ ତରଫରୁ ଜୋତା, ଟର୍ଚ୍ଚ, ପାଣି ବୋତଲ ସହ ଡ୍ରେସ ପ୍ରଦାନ କରାଯାଇଥିଲା।

# ଦୃଷ୍ଟିହୀନ ଛାତ୍ରୀଛାତ୍ରଙ୍କୁ ମିଳିଲା ଲାପଟପ୍

**ବାଲେଶ୍ୱର, ୨୧।୧୨ (ବାଞ୍ଛାନିଧି ଦେ)**

ରାଜ୍ୟ ସରକାରଙ୍କ ସାମାଜିକ ସୁରକ୍ଷା ଓ ଦିବ୍ୟାଙ୍ଗଜନ ସଶକ୍ତୀକରଣ ବିଭାଗ ଅଧୀନ 'ଦୃଷ୍ଟିହୀନ ଛାତ୍ରୀଛାତ୍ରଙ୍କୁ ମାଗଣା ଲାପଟପ୍' ଯୋଜନାରେ ବାଲେଶ୍ୱର ଜିଲାରେ ଦୃଷ୍ଟିହୀନ ଛାତ୍ରୀଛାତ୍ରଙ୍କୁ ଶନିବାର ମାଗଣା ଲାପଟପ୍ ପ୍ରଦାନ କରାଯାଇଛି। ଜିଲାପାଳ ସୂର୍ଯ୍ୟବଂଶୀ ମୟୁର ବିକାଶ, ବାଲେଶ୍ୱର ଉପ-ଜିଲାପାଳ ଶିବ ମାଳବୀୟ ଓ ନୀଳଗିରି ଉପ-ଜିଲାପାଳ ଡ. ମଧୁସ୍ମିତା ସାମନ୍ତରାୟ ପ୍ରମୁଖ ଯୋଗଦେଇ ବିଭିନ୍ନ ମହାବିଦ୍ୟାଳୟରେ ଅଧ୍ୟୟନରତ +୩ ପ୍ରଥମବର୍ଷ ଓ ଉପରିସ୍ଥ ଶ୍ରେଣୀର ୮ ଜଣ ଦୃଷ୍ଟିହୀନ ଛାତ୍ରୀଛାତ୍ରଙ୍କୁ ଏହି ଲାପଟପ୍ ବଣ୍ଟନ କରିଥିଲେ। ଜିଲା ସାମାଜିକ ଅଧିକାରୀ ପ୍ରତିଭା ବେହେରା ଧନ୍ୟବାଦ ଦେଇଥିଲେ।

# ଜାନୁଆରୀ ୨୭ରୁ 'ୟୁନିଫେଷ୍ଟ ୨୦୨୫-୨୬'

**ବାଲେଶ୍ୱର, ୨୧।୧୨ (ବାଞ୍ଛାନିଧି ଦେ)**




ଉନ୍ମୋଚିତ ହୋଇଥିବା ଲୋଗୋ।

■ଏଫ୍‌ଏମ୍‌ୟୁରେ ଲୋଗୋ ଉନ୍ମୋଚିତ
■ପ୍ରତିଯୋଗିତା ପାଇଁ ଅନଲାଇନ୍ ପଞ୍ଜୀକରଣ ଆରମ୍ଭ

ଭାରତୀୟ ବିଶ୍ୱବିଦ୍ୟାଳୟ ସଂଘ (ଏଆଇୟୁ) ପ୍ରୋତ୍ସାହିତ ତଥା ବାଲେଶ୍ୱର ଫକୀରମୋହନ ବିଶ୍ୱବିଦ୍ୟାଳୟ ପକ୍ଷରୁ ଆୟୋଜିତ ୩୯ତମ ଇଣ୍ଟର-ୟୁନିଭରସିଟି ପୂର୍ବ ଜୋନ୍ ଯୁବ ଉତ୍ସବ 'ୟୁନିଫେଷ୍ଟ ୨୦୨୫-୨୬ (ଉତ୍ସାହ)' ୨୦୨୬ ଜାନୁଆରୀ ୨୭ରୁ ୩୧ ତାରିଖ ପର୍ଯ୍ୟନ୍ତ ପାଳିତ ହେବ। ପ୍ରସ୍ତୁତି ବୈଠକରେ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ଅଧ୍ୟକ୍ଷତା କରି ଏଆଇୟୁର ଏକ ପ୍ରତିଷ୍ଠିତ ବାର୍ଷିକ ସାଂସ୍କୃତିକ ଉତ୍ସବ 'ୟୁନିଫେଷ୍ଟ'। ଯାହା ସଙ୍ଗୀତ, ନୃତ୍ୟ, ନାଟ୍ୟ, ସାହିତ୍ୟ ଓ ଫାଇନ୍ ଆର୍ଟସ୍ ମାଧ୍ୟମରେ ବିଶ୍ୱବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ପ୍ରତିଭା ପ୍ରଦର୍ଶନ ପାଇଁ ଏକ ଜାତୀୟ ମଞ୍ଚ ପ୍ରଦାନ କରିଥାଏ ବୋଲି କହିଥିଲେ।

ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷ ପ୍ରଫେସର ଭାସ୍କର ବେହେରା, କୁଳସଚିବ କୁକୁମୀନା ଦାସ, ଉତ୍ସବ ପରିଚାଳନା ପାଇଁ ଗଠିତ ବିଭିନ୍ନ କମିଟିର ସଦସ୍ୟ ଉପସ୍ଥିତ ଥିଲେ। ବୈଷୟିକ ଆଲୋଚନା ସହ ଉତ୍ସବର ସୁପରିଚାଳନା ସମ୍ପର୍କରେ ଗୁରୁତ୍ୱାରୋପ କରାଯାଇଥିଲା। ଏହି ଅବସରରେ ଉତ୍ସବର ଲୋଗୋ ଉନ୍ମୋଚିତ ହୋଇଥିଲା। ବ୍ୟାସବିହାର କ୍ୟାମ୍ପସରେ ଏହି ଉତ୍ସବ ୫ଦିନ ବ୍ୟାପୀ ଅନୁଷ୍ଠିତ ହେବ। ସଙ୍ଗୀତ, ନୃତ୍ୟ, ସାହିତ୍ୟ, ନାଟ୍ୟ ଓ ଫାଇନ୍ ଆର୍ଟସ୍ ଶ୍ରେଣୀର ୩୦ଟି ପ୍ରତିଯୋଗିତା ପାଇଁ ଅନଲାଇନ୍ ପଞ୍ଜୀକରଣ ପ୍ରକ୍ରିୟା ଆରମ୍ଭ ହୋଇଛି ବୋଲି ବିଶ୍ୱବିଦ୍ୟାଳୟ ପକ୍ଷରୁ କୁହାଯାଇଛି ।

# ଭୀମକୁଣ୍ଡ ବୁଲିଲେ ୧୦ ହଜାରରୁ ଊର୍ଦ୍ଧ୍ୱ ପର୍ଯ୍ୟଟକ


ଭୀମକୁଣ୍ଡ ବଣଭୋଜି ସ୍ଥଳ।


ଭୀମକୁଣ୍ଡ ୱାଚଟାୱାର।

ପାଟଣା,୨୧।୧୨(ବୀର କିଶୋର ଦାଶ)

କେନ୍ଦୁଝର ଜିଲା ପାଟଣା ତହସିଲ ଅନ୍ତର୍ଗତ ଡୁମୁରିଆ ଆରଆଇ ସର୍କଲ ଘାଟବାଲି ଯୋଡ଼ିସ୍ଥିତ ଭୀମକୁଣ୍ଡ ପର୍ଯ୍ୟଟନସ୍ଥଳୀରେ ପର୍ଯ୍ୟଟକଙ୍କ ବିପୁଳ ସମାଗମ ହୋଇଥିଲା। ପର୍ଯ୍ୟଟକ ବୁଲିବା ସହ ବଣଭୋଜି ଛୁଟି କାଟିଥିଲେ। ବିଶେଷ କରି ରବିବାର ୧୦ ହଜାରରୁ ଊର୍ଦ୍ଧ୍ୱ ପର୍ଯ୍ୟଟକଙ୍କ ସମାଗମ ହୋଇଥିବା ପରିଲକ୍ଷିତ ହୋଇଥିଲା। ଫଳରେ ବଣଭୋଜି ପାଇଁ ପିଣ୍ଡି ଅଭାବ ହେବାରୁ ଲୋକେ ଅଟେଇ ସଂରକ୍ଷିତ ଜଙ୍ଗଲ ମଧ୍ୟରେ ଭୋଜି କରୁଥିବା ଦେଖିବାକୁ ମିଳିଥିଲା। ଅନ୍ୟପକ୍ଷେ ଏଭଳି ଜନଗହଳି ପୂର୍ଣ୍ଣ ପର୍ଯ୍ୟଟନସ୍ଥଳରେ ଆଇନଶୃଙ୍ଖଳା ରକ୍ଷା କରିବା ପାଇଁ ପୋଲିସ ମୁତୟନ ହୋଇ ନ ଥିବାରୁ ପର୍ଯ୍ୟଟକ ଅସନ୍ତୋଷ ବ୍ୟକ୍ତ କରିଥିଲେ। ପୋଲିସ ଓ ପ୍ରଶାସନର ପର୍ଯ୍ୟଟନ କେନ୍ଦ୍ର ପ୍ରତି ଏଭଳି ଉଦାସୀନ ମନୋଭାବକୁ ସ୍ଥାନୀୟ ଡୁମୁରିଆ ସରପଞ୍ଚ ଗୌରହରି ନାଏକ ନିନ୍ଦା କରିଛନ୍ତି। ଏଥିସହ ପ୍ରଶାସନିକ ସୁବିଧା ପାଇଁ ଭୀମକୁଣ୍ଡ ପର୍ଯ୍ୟଟନ ସ୍ଥଳ ଓ ସମଗ୍ର ଡୁମୁରିଆ ପଞ୍ଚାୟତକୁ ପାଟଣା ଥାନା ଅନ୍ତର୍ଭୁକ୍ତ କରିବାକୁ ଡୁମୁରିଆ ସରପଞ୍ଚଙ୍କ ସମେତ ସ୍ଥାନୀୟ ସାମାଜିକକର୍ମୀ ଚିନ୍ତାମଣି ମହାନ୍ତ, ପଞ୍ଚାନନ ନାଏକ, କାଳିଆ ମହାନ୍ତ, ସନତ ପଲେଇ, ଉମ୍ବରୁ ମହାନ୍ତ ପ୍ରମୁଖ ଦାବି କରିଛନ୍ତି।

## ମା' ଗଡ଼ଚଣ୍ଡୀ ପୀଠରେ ଜମୁଛି ବଣଭୋଜିର ଆସର



ବଉଳା,୨୧।୧୨(ଦୁର୍ଗା ପ୍ରସାଦ ଆୟଚ): କେନ୍ଦୁଝର ଜିଲା ହାଟଡ଼ିହୀ ବ୍ଲକ୍‌ର ମା' ଗଡ଼ଚଣ୍ଡୀ ପୀଠରେ ଜମୁଛି ଭିଡ଼। ପର୍ଯ୍ୟଟନ ଋତୁରେ ଲୋକେ ଏଠାରେ ଭୋଜି କରି ପ୍ରାକୃତିକ ସୌନ୍ଦର୍ଯ୍ୟର ମଜା ଉଠାଉଛନ୍ତି। ଚାରିପାଖରେ ଥିବା ପାହାଡ଼ର ସୌନ୍ଦର୍ଯ୍ୟ, ଗୁମ୍ଫା ଓ ପଥର ମଝିରେ ବୋହି ଯାଉଥିବା ଝରଣାର ଶବ୍ଦ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରୁଛି।

ପ୍ରକାଶ ଯେ, ଛେନାପଦି ହଦଗଡ଼ ରାସ୍ତାର ସୁନ୍ଦରାପାଳ ଛକଠାରୁ ୩ କି.ମି. ବଉଳା ପାହାଡ଼ ପାଦଦେଶରେ ମା' ଗଡ଼ଚଣ୍ଡୀଙ୍କ ପୀଠ। ଉକ୍ତ ସ୍ଥାନରେ ବର୍ଷ ତମାମ ଥଣ୍ଡା ଅନୁଭବ ହେଉଥିବା ବେଳେ ଖରାର ପ୍ରକୋପ ସେଠାରେ ପଡ଼େନାହିଁ। ପ୍ରତିବର୍ଷ ଡିସେମ୍ବର, ଜାନୁୟାରୀ, ମକର ଏବଂ ଦୁର୍ଗାପୂଜା ସମୟରେ ଅନେକ ହଜାର ଭକ୍ତ, ପର୍ଯ୍ୟଟକଙ୍କ ସମାଗମ ହୋଇଥାଏ। ପାହାଡ଼ ତଳେ ଥିବା ଜଙ୍ଗଲ ଏବଂ ପୀଠର ତଳେ ରାସ୍ତାର ୨ ପାର୍ଶ୍ୱରେ ବଣ ଭୋଜିର ଆସର ଜମୁଛି। ଗଡ଼ଚଣ୍ଡୀ ଯୁବ ପରିଷଦ ପକ୍ଷରୁ ପାଣିର ସୁବିଧା କରାଯାଇଥିବା ବେଳେ ପୀଠସ୍ଥଳର ଚାରିପାଖ ଏବଂ ରାସ୍ତାର ୨ ପାର୍ଶ୍ୱକୁ ସଫା କରାଯାଉଛି। ଦୈନିକ ପର୍ଯ୍ୟଟକ ଯେଉଁ ପଲିଥିନ, ପ୍ଲାଷ୍ଟିକ ସାମଗ୍ରୀ ପକାଇଥାନ୍ତି ତାକୁ ଯୁବ ପରିଷଦ ଦ୍ୱାରା ସଫା କରାଯାଉଛି। ପୀଠର ୫୦୦ ମିଟର ପର୍ଯ୍ୟନ୍ତ ସଫା ରହୁଛି। ପୀଠର ପାଦଦେଶରେ ବୋହି ଯାଇଥିବା ଝରଣା ପର୍ଯ୍ୟଟକଙ୍କୁ ଆକୃଷ୍ଟ କରୁଛି। ଗଡ଼ଚଣ୍ଡୀ ଯୁବ ପରିଷଦ ପକ୍ଷରୁ ମନ୍ଦିରରେ ପୂଜାର୍ଚ୍ଚନା କରାଯାଉଥିବା ବେଳେ ପରିଷଦ ପକ୍ଷରୁ ବିଭିନ୍ନ ସୁବିଧା କରାଯାଉଛି। ମାତ୍ର ୧୯୯୮ରୁ ଉକ୍ତ ସ୍ଥାନକୁ ପର୍ଯ୍ୟଟନସ୍ଥଳର ମାନ୍ୟତା ମିଳିଥିଲେ ବି ଆଜି ପର୍ଯ୍ୟନ୍ତ ସୌନ୍ଦର୍ଯ୍ୟକରଣ ହୋଇପାରିନାହିଁ। କେବଳ ବନ ବିଭାଗ ପକ୍ଷରୁ ଏକ ଗେଷ୍ଟ ହାଉସ୍ ନିର୍ମାଣ ହୋଇଛି। ଏପରିକି ସୁନ୍ଦରାପାଳ ଛକଠାରୁ ଗଡ଼ଚଣ୍ଡୀ ପୀଠ ପର୍ଯ୍ୟନ୍ତ ରାସ୍ତାରେ ମୋରମ ପଡ଼ିଥିବାରୁ ପର୍ଯ୍ୟଟକ ଯାତାୟାତରେ ସମସ୍ୟା ଭୋଗୁଛନ୍ତି। ପର୍ଯ୍ୟଟନ ବିଭାଗ, ଜିଲା ପ୍ରଶାସନ ଦୃଷ୍ଟି ଦେଇ ପୀଠରେ ଲାଇଟ୍, ପିଇବା ପାଣିର ବ୍ୟବସ୍ଥା କରିବାକୁ ଦାବି ହୋଇଛି।

## ଦାଦନ ଖଟିବାକୁ ଯାଇ ଯୁବକ ନିଖୋଜ

### ଖଣି ଅଞ୍ଚଳରେ ଦାଦନ ଯନ୍ତ୍ରଣା

ଯୋଡ଼ା,୨୧।୧୨(ମାନସ ମହାନ୍ତି)

କେନ୍ଦୁଝର ଜିଲା ଯୋଡ଼ା ଖଣି ଅଞ୍ଚଳରେ ଖଣି ଖାଦାନ, ଶିଳ୍ପ ଭରି ରହିଥିବା ବେଳେ କାର୍ଯ୍ୟ ନ ପାଇ ଯୁବପିଢ଼ି ବାହାର ରାଜ୍ୟକୁ ଦାଦନ ଖଟିବାକୁ ଯାଉଛନ୍ତି। ସେଠାରେ ନିର୍ଯାତନାର ଶିକାର ହେବା ସହିତ ଅନେକ ଲୋକ ନିଖୋଜ ହୋଇଯାଉଥିବା ଦେଖିବାକୁ ମିଳୁଛି। ଏଭଳି ଏକ ଘଟଣା ଯୋଡ଼ା ପୌରପାଳିକା ୮ ନମ୍ବର ୱାର୍ଡରୁ ଆସିଛି। ସ୍ଥାନୀୟ ଜଣେ ଯୁବକ ଗତ ଅକ୍ଟୋବରରେ ଗୁଜୁରାଟକୁ କାର୍ଯ୍ୟ ଅନ୍ୱେଷଣରେ ଯାଇ ନିଖୋଜ ହୋଇଯାଇଥିବା ଖବର ହସ୍ତଗତ ହୋଇଛି ।

ସୂଚନା ଅନୁଯାୟୀ, ଚଳିତ ବର୍ଷ ଅକ୍ଟୋବରରେ ଯୋଡ଼ା ଅଞ୍ଚଳର ୫ ଜଣ ଯୁବକ ଗୁଜୁରାଟ ରାଜ୍ୟକୁ କାମ କରିବା ପାଇଁ ଯାଇଥିଲେ। ଗୁଜୁରାଟରେ ପହଞ୍ଚି କାର୍ଯ୍ୟ ଅନ୍ୱେଷଣ କରିଥିଲେ। ଏହି ସମୟରେ ସେମାନଙ୍କ ଟଙ୍କା ସରିଯାଇଥିଲେ ହେଁ କୌଣସି ଜାଗାରେ କାର୍ଯ୍ୟ ମିଳି ନ ଥିଲା। ଏହାକୁ ନେଇ ଯୋଡ଼ା ପୌରପାଳିକା ୮ ନମ୍ବର ୱାର୍ଡ ପାତ୍ର ବସ୍ତିରୁ ଯାଇଥିବା ସଞ୍ଜୀବ ଲୋହାର ସେଠାରୁ ଚାଲି ଆସିଥିଲେ। ଅନ୍ୟ ଯୁବକ ସେଠାରେ ଭୋକ ଉପାସରେ ରହି କାମଧନ୍ଦା ଖୋଜିଥିଲେ। ସଞ୍ଜୀବ ସେଠାରୁ ନଭେମ୍ବର ୨୮ରେ କୋଲକାତା ହାୱଡାକୁ ଆସି ଘର ଲୋକଙ୍କୁ ସହଯାତ୍ରୀଙ୍କ ଫୋନ ଯୋଗେ ଯୋଗାଯୋଗ କରି ସମସ୍ୟା ଜଣାଇଥିଲା। ପରବର୍ତ୍ତୀ ସମୟରେ ଆଉ ଘର ଲୋକଙ୍କୁ ଯୋଗାଯୋଗ କରି ନ ଥିବା ବେଳେ ତାଙ୍କ ଫେରିବା ରାସ୍ତାକୁ ମା'ବାପା, ଭଉଣୀ ଅପେକ୍ଷା କରି ବସିଛନ୍ତି। ସଞ୍ଜୀବଙ୍କ ନିଖୋଜ ନେଇ ଯୋଡ଼ା ଥାନାରେ ଲିଖିତ ଅଭିଯୋଗ କରିବେ ବୋଲି ତାଙ୍କ ପରିବାର ପକ୍ଷରୁ କୁହାଯାଇଛି। ଏ ନେଇ ଯୋଡ଼ା ଥାନା ଅଧିକାରୀ ପ୍ରଶାନ୍ତ କୁମାର ସାମଲ ଥାନାକୁ ପରିବାର ଲୋକେ ଅଭିଯୋଗ କରିବା ପାଇଁ ଆସିଥିବା କହିଥିଲେ।

## ପଞ୍ଚାୟତ ପ୍ରିମିୟର ଲିଗ୍ ଉଦ୍‌ଘାଟିତ



ଟୁର୍ନାମେଣ୍ଟ ଉଦଘାଟନୀ ଉତ୍ସବରେ ଉପସ୍ଥିତ ଅତିଥିମାନେ।

ବଞ୍ଚୋ,୨୧।୧୨(ପ୍ରଦୋଷ କୁମାର ବିଶ୍ୱାଳ)

କେନ୍ଦୁଝର ଜିଲା ଆନନ୍ଦପୁର ଉପଖଣ୍ଡର ପଞ୍ଚୁଗୋଛିଆ ଗ୍ରାମରେ ରବିବାର ଦ୍ୱିତୀୟ ବାର୍ଷିକ ପଞ୍ଚାୟତ ପ୍ରିମିୟର ଲିଗ୍ ୨୦୨୫ କ୍ରିକେଟ୍ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ମା' ଜାଗୁଲାଇ କ୍ରିକେଟ୍ କମିଟି ପକ୍ଷରୁ ଆୟୋଜିତ ଟୁର୍ନାମେଣ୍ଟରେ ୬ଟି ୱାର୍ଡରୁ ୬ଟି ଦଳ ଅଂଶଗ୍ରହଣ କରିଛି। ରବିବାର ଉଦ୍‌ଘାଟନୀ ମ୍ୟାଚ୍‌ରେ ୧ ନମ୍ବର ଓ ୨ ନମ୍ବର ୱାର୍ଡ ମଧ୍ୟରେ ଖେଳ ଅନୁଷ୍ଠିତ ହୋଇଥିଲା। ୨ ନମ୍ବର ୱାର୍ଡ ବିଜୟୀ ହୋଇଥିବା ଜଣାପଡ଼ିଛି। ମୁଖ୍ୟ ଅତିଥିଭାବେ ଭାଜପା ମହିଳା ମୋର୍ଚ୍ଚାର ଜିଲା ସମ୍ପାଦିକା ଦୀପ୍ତିମୟୀ ଖୁଣ୍ଟିଆ ଯୋଗଦେଇ କ୍ରୀଡ଼ା ଯୁବସମାଜକୁ ଶାରୀରିକ ଓ ମାନସିକ ଭାବେ ସୁସ୍ଥ ରଖିଥାଏ ବୋଲି କହିଥିଲେ। ସମ୍ମାନିତ ଅତିଥିଭାବେ ସ୍ଥାନୀୟ ସରପଞ୍ଚ ଦିନେଶ ସେଠୀ, ପୂର୍ବତନ ଶିକ୍ଷାବିତ୍ ମକରଧ୍ୱଜ ଓଝା ଓ ପୂର୍ବତନ କ୍ରୀଡ଼ାବିତ୍ ସୁଭାଦ୍ରୀ ବଳିୟାରସିଂ ଯୋଗଦେଇଥିଲେ। ରଶ୍ମିରଞ୍ଜନ ରାଉତ, ଜ୍ୟୋତିରଞ୍ଜନ ଧଳ ଓ ସୁଧାଂଶୁ ନାୟକ ଖେଳ ପରିଚାଳନା କରିଥିଲେ।

## କାଟୁଥିବା ସମୟରେ ଗୋମାଂସ ଜବତ

କେନ୍ଦୁଝର,୨୧।୧୨(ନରେଶ ଚନ୍ଦ୍ର ପଟ୍ଟନାୟକ): କେନ୍ଦୁଝର ଜିଲା ସଦର ବ୍ଲକ୍ ଅଞ୍ଚଳରେ ମୃତ ବଳଦର ମାଂସ କାଟୁଥିବାବେଳେ ପୋଲିସ ମାଂସ ଜବତ କରିଛି। ସଦର ବ୍ଲକ୍ ଗୋବର୍ଦ୍ଧନ ପଞ୍ଚାୟତ ହଳଦିଆଗୁଣା ଗ୍ରାମରେ ଜଣେ ବ୍ୟକ୍ତିଙ୍କ ଏକ ବଳଦର ମୃତ୍ୟୁ ହୋଇଥିଲା। ୨ ଜଣ ବ୍ୟକ୍ତି ଏମ୍‌ଏସ୍‌ପି ନିକଟ ପଡ଼ିଆରେ ବଳଦର ମାଂସ କାଟିବା ସହ ତାର ଚମଡ଼ା ବାଜା ତିଆରି କରିବାକୁ ରଖିଥିଲେ। ଲୋକେ ଏହା ଦେଖି ପୋଲିସକୁ ଖବର ଦେଇଥିଲେ। ସଦର ଏସ୍‌ଆଇ ସନାତନ ମହାନ୍ତ ଓ ସ୍ୱରୂପ ରଞ୍ଜନ ନାୟକ ପହଞ୍ଚି ବୁଝାଶୁଝା ପରେ ମାଂସକୁ ଗାତ ଖୋଳି ମାଟିତଳେ ପୋତି ଦିଆଯାଇଥିଲା।

## ୨୪୫୧ ଲିଟର ଦେଶୀ, ୩୨ ଲିଟର ବିଦେଶୀ ମଦ ଜବତ

କେନ୍ଦୁଝର,୨୧।୧୨(ଦୀପକ ମିଶ୍ର/ ନରେଶ ଚନ୍ଦ୍ର ପଟ୍ଟନାୟକ): ନୂଆବର୍ଷ ଓ ବଡ଼ଦିନକୁ ଦୃଷ୍ଟିରେ ରଖି କେନ୍ଦୁଝର ପୋଲିସ ପକ୍ଷରୁ ବେଆଇନ ମଦ କାରବାର ସହ ମଦ୍ୟପାନ କରି ଗାଡ଼ିଚାଳକଙ୍କ ବିରୋଧରେ ସ୍ୱତନ୍ତ୍ର ଅଭିଯାନ ଆରମ୍ଭ କରିଛି। ଡିସେମ୍ବର ୧୭ରୁ ଆରମ୍ଭ ହୋଇଥିବା ଅଭିଯାନ ଦ୍ୱାରା ୨୪୫୧ ଲିଟର ଦେଶୀ, ୩୨.୧୩ ଲିଟର ବିଦେଶୀ ମଦ ଜବତ ହୋଇଛି। ୫୩୦୦ କିଲୋ ମହୁଲ ପୋଚ ନଷ୍ଟ କରାଯାଇଛି। ଏଥି ସହ ୪୦ଟି ଅବକାରୀ ମାମଲା ରୁଜୁ କରାଯାଇଛି। ଏହା ବ୍ୟତୀତ ମଦ୍ୟପାନ କରି ଗାଡ଼ି ଚାଳନା ଅଭିଯୋଗରେ ୬୮ ଜଣଙ୍କ ନାମରେ ମାମଲା ସହ ୬୮ଟି ଗାଡ଼ି ମଧ୍ୟ ଜବତ କରାଯାଇଥିବା କେନ୍ଦୁଝର ପୋଲିସ ପକ୍ଷରୁ କୁହାଯାଇଛି।

## ଫକୀରପୁର ଉଚ୍ଚ ବିଦ୍ୟାଳୟର ହୀରକ ଜୟନ୍ତୀ ପ୍ରସ୍ତୁତି

ଆନନ୍ଦପୁର/ବଞ୍ଚୋ,୨୧।୧୨(ସୁଶାନ୍ତ କୁମାର ସାହୁ/ ପ୍ରଦୋଷ କୁମାର ବିଶ୍ୱାଳ): କେନ୍ଦୁଝର ଜିଲା ଆନନ୍ଦପୁର ବ୍ଲକ୍ ଫକୀରପୁର ସରକାରୀ ଉଚ୍ଚ ବିଦ୍ୟାଳୟର ହୀରକ ଜୟନ୍ତୀ ପାଳନ ପାଇଁ ବିଦ୍ୟାଳୟ ପ୍ରାଙ୍ଗଣରେ ରବିବାର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ବିଦ୍ୟାଳୟର ବହୁ ପୁରାତନ ଛାତ୍ର ଓ ଶିକ୍ଷକ ଯୋଗଦେଇଥିଲେ। ଜାନୁଆରୀ ଶେଷ ସପ୍ତାହରେ ହୀରକ ଜୟନ୍ତୀ ଅନୁଷ୍ଠିତ ହେବ ବୋଲି ନିଷ୍ପତ୍ତି ହୋଇଥିଲା। ବିଦ୍ୟାଳୟର ପୁରାତନ ଛାତ୍ରୀଛାତ୍ର ବହୁ ସଂଖ୍ୟାରେ ଯୋଗଦେବା ପାଇଁ ଅନୁରୋଧ କରାଯାଇଛି। ଚଳିତ ଡିସେମ୍ବର ୨୮ ରବିବାର ଅନ୍ୟ ଏକ ବୈଠକ ଅନୁଷ୍ଠିତ ହେବ। ଏଥିରେ ବହୁ ସଂଖ୍ୟାରେ ପୁରାତନ ଛାତ୍ରୀଛାତ୍ର ଯୋଗଦେବାକୁ ତ୍ରିଲୋଚନ ସାହୁ, ସନତ କର, ସତ୍ୟରଞ୍ଜନ ଦାସ, ଅନିଲ ସାହୁ, ପ୍ରଦୀପ ସାହୁ, ବହୁତ ପୁରାତନ ଛାତ୍ର ଉପସ୍ଥିତ ରହି କହିଥିଲେ।

# ରାସ୍ତାମଝିରେ ବାଉଁଶ ବାଡ଼

### ଯାତାୟାତରେ ସମସ୍ୟା, ସମାଧାନ କରିବାକୁ ଦାବି

କେନ୍ଦୁଝର,୨୧।୧୨(ନରେଶ ଚନ୍ଦ୍ର ପଟ୍ଟନାୟକ)


ରାସ୍ତା ମଝିରେ ବାଡ଼ ବୁଜାଯାଇଛି।

କେନ୍ଦୁଝର ଜିଲା ସଦର ବ୍ଲକ୍ ଅନ୍ତର୍ଗତ ଗୋବର୍ଦ୍ଧନ ପଞ୍ଚାୟତ ସେଣ୍ଡକାପ ମୁଣ୍ଡୁଳି ସାହିକୁ ନିର୍ମିତ ନୂତନ ରାସ୍ତା ମଝିରେ ବାଉଁଶ ବାଡ଼ କରାଯାଇଛି। ସରକାରୀ ଅର୍ଥ ଓ ସରକାରୀ ଜମିରେ ରାସ୍ତା ହେଉଥିଲେ ହେଁ ଜଣେ ବ୍ୟକ୍ତି କାମ ବନ୍ଦକୁ କରିବାକୁ ନେଇ ଅସନ୍ତୋଷ ପ୍ରକାଶ ପାଇଛି।

ପ୍ରକାଶ ଯେ, ମୁଣ୍ଡୁଳି ସାହିକୁ ରାସ୍ତା ନ ଥିବାରୁ ସାହିରେ ରୋଗ ହେଲେ ଲୋକଙ୍କୁ ଖଟିଆ କିମ୍ବା କାନ୍ଧରେ ବୋହି ମୁଖ୍ୟ ରାସ୍ତା ପର୍ଯ୍ୟନ୍ତ ନେବାକୁ ପଡୁଛି। ଯାତାୟାତ ସମସ୍ୟାକୁ ନେଇ ବହୁ ବର୍ଷ ଧରି ରାସ୍ତା ନିର୍ମାଣ ନିମନ୍ତେ ଦାବି ହୋଇଆସୁଥିଲା। ଏଥି ସହିତ ମୁଖ୍ୟମନ୍ତ୍ରୀଙ୍କୁ ଅବଗତ କରିଥିବା ମଧ୍ୟ ସାହିବାସୀ କହିଛନ୍ତି। ଦାବିକୁ ଭିତ୍ତିକରି ପ୍ରଧାନମନ୍ତ୍ରୀ ଗ୍ରାମସଡ଼କ ଯୋଜନାରେ ମକରଧ୍ୱଜ ପାତ୍ରଙ୍କ ଘରଠାରୁ ବୁଧୁରାମ ମୁଣ୍ଡାଙ୍କ ଘର ପର୍ଯ୍ୟନ୍ତ ସରକାରୀ ଜମିରେ ରାସ୍ତା ନିର୍ମାଣ ପାଇଁ ବ୍ୟୟ ବରଦା ହୋଇଥିଲା। ମାତ୍ର ସ୍ଥାନୀୟ ମୁଷ୍ଟିମେୟ ବ୍ୟକ୍ତି ବେଆଇନ ଭାବେ ରାସ୍ତା କାମ ବନ୍ଦ କରିବା ସହିତ ରାସ୍ତାକୁ ବାଡ଼ ଦେଇ ଅବରୋଧ କରିଛନ୍ତି। ଫଳରେ ରାସ୍ତା ନିର୍ମାଣରେ ବାଧା ସୃଷ୍ଟି ହେଉଛି। ଆଉ କିଛି ଦିନ ପରେ ସାହିବାସୀ ଧାନ ବିକିବେ, ମାତ୍ର ରାସ୍ତା ନ ଥିବାରୁ ଗାଡ଼ି କେମିତି ଯିବା ଆସିବା କରିବ ସେ ନେଇ ସାହିବାସୀଙ୍କୁ ଭାଳେଣି ପଡ଼ିଛି। ପ୍ରଶାସନ ତୁରନ୍ତ ଦୃଷ୍ଟାନ୍ତମୂଳକ ପଦକ୍ଷେପ ଗ୍ରହଣ କରି ଜବରଦଖଲ ମୁକ୍ତ କରି ରାସ୍ତା ନିର୍ମାଣ କାମ ପୁନଃ ଆରମ୍ଭ ନିମନ୍ତେ ରୁଦ୍ରନାରାୟଣ ଘଣା, ଟଙ୍କଧର ପାତ୍ର, କୁଳମଣି ପାତ୍ର, ବୁଧୁରାମ ମୁଣ୍ଡା, ପ୍ରଲିପ୍ତା ଘଣା, ଇନ୍ଦୁମତି ପାତ୍ର, ଦ୍ୱାରି ପାତ୍ର, ମୀନ ପାତ୍ର, ଚିନ୍ମୟୀ ପାତ୍ର, ମକରଧ୍ୱଜ ପାତ୍ର, ବେଣୁଧର ପାତ୍ର ସମେତ ସାହିବାସୀ ଦାବି କରିବା ସହିତ ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ କରିବେ ବୋଲି କହିଛନ୍ତି।

## ମନ୍ଦିର ହୁଣ୍ଡି ଭାଙ୍ଗି ଚୋରି

ପାଟଣା,୨୧।୧୨(ବୀର କିଶୋର ଦାଶ): କେନ୍ଦୁଝର ଜିଲା ପାଟଣା ମୁଖ୍ୟାଳୟରେ ଥିବା ଆନନ୍ଦେଶ୍ୱର ଶିବ ମନ୍ଦିର ପରିସରରେ ଥିବା ହନୁମାନ ମନ୍ଦିର ଏବଂ ରାମ ମନ୍ଦିରର ୨ ତାଲା କାଟି ଶନିବାର ବିଳମ୍ବିତ ରାତିରେ ଦୁର୍ବୃତ୍ତ ୨ଦାନ ବାକ୍ସ (ହୁଣ୍ଡି)ଲୁଟି ନେଇଛନ୍ତି। ଦୁର୍ବୃତ୍ତ କେବଳ ହୁଣ୍ଡିକୁ ଭାଙ୍ଗି ଖୁଚୁରା ପଇସା ଛାଡ଼ି ନୋଟ୍ ନେଇଯାଇଥିବା ମନ୍ଦିର କମିଟିର ଅଜୟ ଦାଶ, ଅରୁଣ ମିଶ୍ର ଓ ସନାତନ ଦାଶ ସୂଚନା ଦେଇଛନ୍ତି। ରବିବାର ସକାଳୁ ମନ୍ଦିରର ପୂଜକ ପୂଜା କରିବା ପାଇଁ ଆସିଥିବା ସମୟରେ ହୁଣ୍ଡି ବାକ୍ସ ପଡ଼ିଥିବା ଦେଖି ପାଟଣା ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଗତ ବର୍ଷ ମଧ୍ୟ ମନ୍ଦିର ପରିସରରେ ଥିବା ଶ୍ରୀ ରାଧା ଶ୍ରୀକୃଷ୍ଣଙ୍କ ଅଳଙ୍କାରକୁ ଦୁର୍ବୃତ୍ତ ଚୋରି କରିଥିଲେ।

## ଜିଲାସ୍ତରୀୟ ଶିଶୁ ଉତ୍ସବ

କେନ୍ଦୁଝର,୨୧।୧୨(ନରେଶ ଚନ୍ଦ୍ର ପଟ୍ଟନାୟକ): କେନ୍ଦୁଝର ସ୍କୁଲ ଶିକ୍ଷକ ସଂଘ ପକ୍ଷରୁ ଶନିବାର ୪୨ତମ ଶିଶୁ ଉତ୍ସବ ଏନ୍‌ଏସ୍ ପୋଲିସ ହାଇସ୍କୁଲଠାରେ ଉଦ୍‌ଘାଟିତ ହୋଇଯାଇଛି। ଓଷ୍ଟା କେନ୍ଦୁଝରର ସଭାପତି ମନ୍ମଥନାଥ ମହାନ୍ତଙ୍କ ଅଧ୍ୟକ୍ଷତାରେ ଉଦ୍‌ଘାଟନ ଉତ୍ସବରେ ମୁଖ୍ୟ ଅତିଥିଭାବେ ପାଟଣା ବିଧାୟକ ଅଖିଳ ଚନ୍ଦ୍ର ନାଏକ, ମୁଖ୍ୟ ବକ୍ତାଭାବେ ତେଲକୋଇ ବିଧାୟକ ଡା. ଫକୀର ମୋହନ ନାଏକ, ସ୍ୱତନ୍ତ୍ର ଅତିଥିଭାବେ ଜିଲା ଶିକ୍ଷା ଅଧିକାରୀ କେନ୍ଦୁଝର ପୂର୍ଣ୍ଣଚନ୍ଦ୍ର ବରିହା, ଅନ୍ୟତମ ସ୍ୱତନ୍ତ୍ର ଅତିଥିଭାବେ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ସତ୍ୟନାରାୟଣ ମହାନ୍ତ, ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ରୁଦ୍ର ନାରାୟଣ ସାମଲ, ସମ୍ମାନିତ ଅତିଥିଭାବେ ପ୍ରାକ୍ତନ ରାଜ୍ୟ କାର୍ଯ୍ୟକାରୀ ସଭାପତି ଓଷ୍ଟା ଭିକାରୀ ଚରଣ ସାହୁ, ରାଜ୍ୟ ସହ ସମ୍ପାଦକ ଓଷ୍ଟା ମୃତ୍ୟୁଞ୍ଜୟ ପଲେଇ, ରାଜ୍ୟ କାର୍ଯ୍ୟକାରୀ ସଦସ୍ୟ ଜ୍ଞାନେନ୍ଦ୍ର ଦେଓ ଯୋଗଦେଇଥିଲେ। ଜିଲା ସମ୍ପାଦକ ଓଷ୍ଟା ରଞ୍ଜନ ଘଡ଼େଇ ଉତ୍ସବର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଜ୍ଞାପନ କରିବା ସହିତ ବିଭିନ୍ନ ବ୍ଲକରେ ଅନୁଷ୍ଠିତ ହୋଇଥିବା ଶିଶୁ ଉତ୍ସବ ସମ୍ପର୍କରେ ବିବରଣୀ ପ୍ରଦାନ କରିଥିଲେ। କାର୍ଯ୍ୟକାରୀ ସମ୍ପାଦକ ବେଳା ରାଉତ ବିଦ୍ୟାଳୟରେ ଶିଶୁ ଉତ୍ସବ କରିବା ପାଇଁ ସୁଯୋଗ ଦେଇଥିବାରୁ ଓଷ୍ଟା କର୍ମକର୍ତ୍ତା ଏବଂ ମଞ୍ଚାସୀନ ଅତିଥିଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ସ୍ୱାଧୀନତା ସଂଗ୍ରାମୀଙ୍କ ସ୍ତ୍ରୀଙ୍କୁ ଭେଟିଲେ ଆର୍‌ଏସ୍‌ଏସ୍ କର୍ମକର୍ତ୍ତା

ପାଟଣା,୨୧।୧୨
(ବୀର କିଶୋର ଦାଶ)

ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ଶତ ବାର୍ଷିକ ଉପଲକ୍ଷେ ରବିବାର କେନ୍ଦୁଝର ଜିଲା ସଂଘର କାର୍ଯ୍ୟକର୍ତ୍ତାମାନେ ପାଟଣା ବ୍ଲକ୍‌ରେ ଗୃହ ସମ୍ପର୍କ ଅଭିଯାନରେ ସାମିଲ ହୋଇଥିଲେ। ଏହି କ୍ରମରେ କର୍ମକର୍ତ୍ତାମାନେ ପାଟଣା ବ୍ଲକ୍ ବଡ଼ ପାଟଣା ପଞ୍ଚାୟତ ସାମ ଶାସନର ବିଶିଷ୍ଟ ଗାନ୍ଧୀବାଦୀ ସ୍ୱାଧୀନତା ସଂଗ୍ରାମୀ ସ୍ୱର୍ଗତ କାହ୍ନୁ ଚରଣ ଦାଶଙ୍କ ସହ ସ୍ତ୍ରୀ ପାର୍ବତୀ ଦାଶ(୯୨)ଙ୍କୁ ଭେଟି ତାଙ୍କ ସ୍ୱାସ୍ଥ୍ୟ ଅବସ୍ଥା ପଚାରି ବୁଝିଥିଲେ। ତାଙ୍କ ବୋହୂ ମଞ୍ଜୁବଳା ମିଶ୍ରଙ୍କୁ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ଶହେ ବର୍ଷ ପୂର୍ତ୍ତି ଅବସରରେ ପ୍ରକାଶିତ ସ୍ୱତନ୍ତ୍ର ପୁସ୍ତକକୁ ଜିଲା ସଂଘ ଚାଳକ ଭାଗୀରଥି ପୃଷ୍ଟି ପ୍ରଦାନ କରିଥିଲେ। ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ଖଣ୍ଡ ଚାଳକ କାଳୀଚରଣ ମହାନ୍ତି, ସଂଘର ବିରଞ୍ଚି ମହାନ୍ତ, ସଂଜୀବ ମହାନ୍ତ, ହୀରାଲାଲ ମହାନ୍ତ ପ୍ରମୁଖ ସାମିଲ ହୋଇଥିଲେ। ଏଥିସହ ସାମ ଶାସନର କରସେବକ ଦିଲ୍ଲୀପ କୁମାର ଦାଶ ଓ ସ୍ୱର୍ଗତ ଜଗଦାନନ୍ଦ ମିଶ୍ରଙ୍କ ପରିବାର ସଦସ୍ୟଙ୍କୁ ଭେଟିଥିଲେ।

## ଆନନ୍ଦପୁର ବାଣିଜ୍ୟ ମହୋତ୍ସବ
## ସପ୍ତମ ସନ୍ଧ୍ୟାରେ ପ୍ରବଳ ଜନସମାଗମ

ବଞ୍ଚୋ,୨୧।୧୨
(ପ୍ରଦୋଷ କୁମାର ବିଶ୍ୱାଳ)

କେନ୍ଦୁଝର ଜିଲା ଆନନ୍ଦପୁର ଷ୍ଟାଡ଼ିୟମଠାରେ ଚାଲିଥିବା ଆନନ୍ଦପୁର ବାଣିଜ୍ୟ ମହୋତ୍ସବର ଶନିବାର ସପ୍ତମ ସନ୍ଧ୍ୟାରେ ପ୍ରବଳ ଜନସମାଗମ ପରିଲକ୍ଷିତ ହୋଇଛି। ଜିଲା, ଜିଲା ବାହରୁ କଳାକାର କଳା ପ୍ରଦର୍ଶନ କରିଥିଲେ। ଶୀତୁଆ ସନ୍ଧ୍ୟାରେ ଲୋକେ ଉପସ୍ଥିତ ରହି ସାଂସ୍କୃତିକ କାର୍ଯ୍ୟକ୍ରମର ମଜା ନେଇଥିଲେ। ପ୍ରେସ୍ କ୍ଲବ୍ ସଭାପତି ନାରାୟଣ ସାହୁଙ୍କ ସଭାପତିତ୍ୱରେ ସଭାରେ ମୁଖ୍ୟ ଅତିଥିଭାବେ ଆନନ୍ଦପୁର ଉପଜିଲାପାଳ ନୀଳମାଧବ ସୁନା, ସମ୍ମାନିତ ଅତିଥିଭାବେ ପୂର୍ବତନ ଉପଜିଲାପାଳ ଅନିଲ ସେଠୀ, ଆନନ୍ଦପୁର ଏସ୍‌ଡିପିଓ ପ୍ରଶାନ୍ତ ବେହେରା, ଡିଏଫ୍‌ଓ ପ୍ରଶାନ୍ତ ପଣ୍ଡା ପ୍ରମୁଖ ଯୋଗଦେଇ ଆନନ୍ଦପୁରର କଳା, ସଂସ୍କୃତି ଐତିହ୍ୟ ସମ୍ପର୍କରେ ଆଲୋଚନା କରିବା ସହିତ ଖବରଦାତାଙ୍କ ଦ୍ୱାରା ଏଭଳି ଆୟୋଜନକୁ ପ୍ରଶଂସା କରିଥିଲେ। ଏହି ଅବସରରେ ଅତାସାହିର ବ୍ୟାଙ୍ଗ କବି ରଞ୍ଜନ କୁମାର ସାହୁ, ଆନନ୍ଦପୁରର ବରିଷ୍ଠ ଖବରଦାତା ରବୀନ୍ଦ୍ର ରାଜଙ୍କୁ ସମ୍ମାନିତ କରାଯାଇଥିଲା। ଆନନ୍ଦପୁର କଲେଜ ଅଧ୍ୟାପକ ରଘୁଦୀପ୍ତି ନାୟକ ମଞ୍ଚ ପରିଚାଳନା କରିଥିବାବେଳେ ଅନ୍ନଦା ଶଙ୍କର ମହାନ୍ତି ସହଯୋଗ କରିଥିଲେ। ସମ୍ପାଦକ ସନ୍ତୋଷ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ନୃତ୍ୟଗୁରୁ ଜିତୁ ଦାଶଙ୍କ ତତ୍ତ୍ୱାବଧାନତାରେ ଅନୁଷ୍ଠିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ଦର୍ଶକ ବିଭୋର ହୋଇଥିଲେ। ପ୍ରେସ୍ କ୍ଲବ୍‌ର ବରିଷ୍ଠ ସଦସ୍ୟ ଶତ୍ରୁଘ୍ନ ସାହୁ, ଦିଲ୍ଲୀପ ମିଶ୍ର, ସପ୍ନେଶ୍ୱର ପଣ୍ଡା, ସତ୍ୟଜିତ୍ ସାହୁ, ରାଜୀବ ଜେନା, ଉପେନ୍ଦ୍ର ସାହୁ, ଅବିନାଶ ଶତପଥୀ, କବିନ୍ଦ୍ର ଖୁଣ୍ଟିଆ, କୈଳାସ ଚନ୍ଦ୍ର ନାୟକ, ଗୋପୀନାଥ ପାତ୍ର, ମୃତ୍ୟୁଞ୍ଜୟ ସାହୁ, ମୋହନ ସାହୁ, ଟୁକୁଲ ପରିଡ଼ା ପ୍ରମୁଖ ପରିଚାଳନା କରୁଛନ୍ତି।

## ଧର୍ମପରାୟଣାଙ୍କ ପରଲୋକ

ବଉଳା,୨୧।୧୨ (ଦୁର୍ଗା ପ୍ରସାଦ ଆୟଚ)

କେନ୍ଦୁଝର ଜିଲା ହାଟଡ଼ିହୀ ବ୍ଲକ୍‌ର ପନ୍ଦାଡ଼ୋର ଧର୍ମପରାୟଣା ମହିଳା ସୀତାରାଣୀ ଘଡ଼େଇ (୮୪)ଙ୍କ ପରଲୋକ ହୋଇଯାଇଛି। ସେ ଜଣେ ମିଷ୍ଟଭାଷୀ, ସେହ୍ନୀ ଓ ପରୋପକାରୀ ମହିଳା ଭାବେ ପରିଚିତ ଥିଲେ। ମୃତ୍ୟୁ ଖବର ପାଇ ପୂର୍ବତନ ବିଧାୟକ ମାୟାଧର ଜେନା, ଜିଲାପରିଷଦ ସଦସ୍ୟ ବିମ୍ବାଧର ବିଶ୍ୱାଳ, ବରିଷ୍ଠ ସାମାଜିକକର୍ମୀ ନିକୁଞ୍ଜ ବିହାରୀ ଓଝା, ଅନିରୁଦ୍ଧ ବେହେରା, ଆନନ୍ଦ ନାୟକ, ଅନନ୍ତ ଗୋପାଳ ବେହେରା, ମହେନ୍ଦ୍ର ପ୍ରଧାନ, ଅନାଦୀ ଚରଣ ଆୟଚ, ରମେଶ ରାଉତ ପ୍ରମୁଖ ବହୁ ବ୍ୟକ୍ତି ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ। ପୁଅ ମିହିର୍, ବାପୁନ୍, ବାବୁ, ରଞ୍ଜନ, ଝିଅ, ବୋହୂ ଉପସ୍ଥିତ ଥିଲେ। ଘରବାଡ଼ିରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିବା ବେଳେ ପୁଅ ମିହିର ମୁଖାଗ୍ନି ଦେଇଥିଲେ।

# ରାତ୍ର ଜଗୁଆଳଙ୍କୁ ବାନ୍ଧି ଟ୍ରାନ୍ସଫର୍ମରରୁ କପର ଚୋରି

ଢେଙ୍କିକୋଟ,୨୧।୧୨
(ନୀଳମଣି ମଣ୍ଡଳ)



କେନ୍ଦୁଝର ଜିଲା ସାନ୍ତରାପୁର ପଞ୍ଚାୟତ ସାନ୍ତରାପୁର ନିକଟରେ ଥିବା ଏକ ପାନୀୟ ଜଳ ପ୍ରକଳ୍ପର ରାତ୍ର ଜଗୁଆଳଙ୍କୁ ବାନ୍ଧି ଦୁର୍ବୃତ୍ତ ଟ୍ରାନ୍ସଫର୍ମରରୁ କପର ତାର ଚୋରି କରି ନେଇଛନ୍ତି। ଏ ନେଇ ରାତ୍ର ଜଗୁଆଳ ଘଟଗାଁ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

ଅଭିଯୋଗ ଅନୁଯାୟୀ, ରାତ୍ର ଜଗୁଆଳ କେଦାରନାଥ ନାଏକ(୪୬) ଶନିବାର ରାତିରେ ପାନୀୟ ଜଳ ଯୋଗାଣ ଟାଙ୍କି ଘରେ ଶୋଇଥିଲେ। ରାତି ୧୧ ଟା ୩୦ରେ ୪ ଚକିଆ ଗାଡ଼ିରେ ୭ ଜଣ ଆସି ପହଞ୍ଚିଥିଲେ। ସେ ପାଟି କରିବାରୁ ୨ ଜଣ ମୁଖାପିନ୍ଧା ଦୁର୍ବୃତ୍ତ ତାଙ୍କୁ କାବୁ କରିନେଇଥିଲେ। ତାଙ୍କ ହାତ ଓ ଗୋଡ଼ ବାନ୍ଧି ଗୋଟିଏ ଘରେ ପକାଇ ୨ ଜଣ ଜଗି ରହିଥିଲେ। ଅନ୍ୟ ୫ ଜଣ ସେଠାରେ ନୂଆ କରି ବିଦ୍ୟୁତ୍ ସଂଯୋଗ ନିମନ୍ତେ ଲାଗିଥିବା ୧୦୦ କେଭି ୱାଟ୍ ଟ୍ରାନ୍ସଫର୍ମରକୁ ଖୋଲି ତା ଭିତରେ ଥିବା ସମସ୍ତ ତମ୍ବା କଏଲ ସହ ରାତ୍ର ଜଗୁଆଳଙ୍କ ମୋବାଇଲ ନେଇ ରାତି ସାଢେ ୧ ଟା ବେଳେ ଚମ୍ପଟ ମାରିଥିଲେ। ହାତଗୋଡ଼ ବନ୍ଧା ହୋଇ କେଦାର ସକାଳ ପର୍ଯ୍ୟନ୍ତ ପଡ଼ି ରହିଥିଲେ। ସକାଳେ ପାଟି ଶୁଣି ସେହି ବାଟ ଦେଇ ଯାଉଥିବା ଲୋକେ ତାଙ୍କୁ ଉଦ୍ଧାର କରିଥିଲେ। ଏ ସମ୍ପର୍କରେ କେଦାର ଢେଙ୍କିକୋଟ ପୋଲିସ ଫାଣ୍ଡି ଏବଂ ଘଟଗାଁ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଘଟଗାଁ ଥାନା ଆଇଆଇସି ଶୁଭ୍ରାନ୍ତ କୁମାର ଜେନାଙ୍କ ନିର୍ଦ୍ଦେଶ କ୍ରମେ ଢେଙ୍କିକୋଟ୍ ପୋଲିସ ବିଟ୍ ହାଉସ ଅଧିକାରୀ ତ୍ରିନାଥ ନାୟକ ସଦଳବଳେ ଘଟଣାସ୍ଥଳରେ ପହଞ୍ଚି ଘଟଣା ସମ୍ପର୍କରେ ତଦନ୍ତ କରିଥିଲେ।

GOVERNMENT OF ODISHA, "e" PROCUREMENT NOTICE
OFFICE OF THE SUPERINTENDING ENGINEER
NAYAGARH (R&B) DIVISION, NAYAGARH
WORKS DEPARTMENT
TENDER CALL NOTICE
E-mail: pwdoffngd34@gmail.com
Bid Identification No. S.E. Nayagarh (R&B) Division - Online 10/2025-26
No. B-838: The Superintending Engineer, Nayagarh (R&B) Division, Nayagarh on behalf of Governor of Odisha inviting percentage rate bid in Double cover system in ONLINE MODE from eligible contractors for construction of building work as detailed in the table below:
1. Nature of Work : Building Works
2. No. of Work : 4 Nos.
3. Tender Cost & EMD : To be remitted online through a process as mentioned in DTCN
4. Class of Contractor : As mentioned in DTCN
5. Available of Bid document in the Website : From Dt.26.12.2025 11.00 A.M. to Dt.06.01.2026 Upto 5.00 P.M.
6. Date of Opening of Bid : Dt.07.01.2026 at 11.00 A.M.
7. The have to participate in ONLINE bidding only. Further details can be seen from the Website: https://tenderodisha.gov.in. Any Addendum/Corrigendum/Cancellation of tender can also be seen in the said website.
OIPR-34138/11/0028/2526
Sd./- Superintending Engineer
Nayagarh (R&B) Division, Nayagarh

